ସାପ୍ତାହିକ

Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.26 | Issue - 37 | 11 - 17 September 2022 | Sambalpur | Page- 8 | Invitation Price Rs.10

## ୧୩୨ ସ୍ଥାନରେ ଭାରତ

ନୂଆଦିଲ୍ଲୀ: ୨୦୨୧ ବର୍ଷରେ ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ୧୯୧ ଦେଶ ମଧ୍ୟରେ ୧୩୨ତମ ସ୍ଥାନରେ ରହିଛି । ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ପକ୍ଷରୁ ଏଭଳି ରିପୋର୍ଟ ପ୍ରକାଶ ପାଇଛି । ଗତବର୍ଷ ଭାରତର ଏଚ୍‌ଡିଆଇ ମୂଲ୍ୟ ୦.୬୩୩ ରହିଛି ଯାହା ୨୦୨୦ରେ ୦.୬୪୫ ରହିଥିଲା । ସେହିବର୍ଷ ଭାରତ ମାନବ ବିକାଶ ସୂଚକାଙ୍କରେ ୧୮୯ ଦେଶ ମଧ୍ୟରେ ୧୩୧ତମ ସ୍ଥାନରେ ରହିଥିଲା । ରିପୋର୍ଟକୁ ଦେଖିଲେ ଭାରତ ମଧ୍ୟମ ମାନବ ବିକାଶ ବର୍ଗରେ ରହିଛି । ୨୦୧୯ରେ ଭାରତୀୟଙ୍କ ହାରାହାରି ଆୟୁଷ ୬୯.୭ ବର୍ଷ ଥିବାବେଳେ ୨୦୨୧ରେ ତାହା ୬୭.୨ ବର୍ଷକୁ ହ୍ରାସ ପାଇଛି । ଦେଶରେ ସ୍କୁଲ୍ ଶିକ୍ଷାର ବାଞ୍ଛିତ ବର୍ଷ ୧୧.୯ ବର୍ଷ ହୋଇଥିବାବେଳେ ପିଲାମାନେ ସ୍କୁଲରେ ହାରାହାରି ୬.୭ ବର୍ଷ ପୂରଣ କରୁଥିବା ରିପୋର୍ଟରୁ ଜଣାପଡ଼ିଛି ଅର୍ଥାତ୍ ଅନେକ ପିଲା ସ୍କୁଲ ଶିକ୍ଷା ସମ୍ପୂର୍ଣ୍ଣ ନ କରି ଅଧାରୁ ପାଠ ଛାଡୁଛନ୍ତି । ମାନବ ବିକାଶର ମୁଖ୍ୟ ଅଙ୍ଗ ହେଉଛି ସ୍ୱାସ୍ଥ୍ୟ, ଶିକ୍ଷା ଓ ହାରାହାରି ଆୟ । ଏଥିରେ ୫ ବର୍ଷର ଅଗ୍ରଗତି ପରେ ଗତ ଦୁଇବର୍ଷ (୨୦୨୦ ଏବଂ ୨୦୨୧)ରେ ଅବନତି ଘଟିଛି । ବିଶ୍ୱସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆୟରେ ହ୍ରାସ ଯୋଗୁ ୩୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ମାନବ ବିକାଶରେ ଅବନତି ଦେଖାଯାଇଥିବା ରିପୋର୍ଟରେ କୁହାଯାଇଛି । ବିଶ୍ୱ ସ୍ତରରେ ହାରାହାରି ଆୟୁ ୨୦୧୯ରେ ୭୨.୮ ବର୍ଷ ଥିବାବେଳେ ୨୦୨୧ରେ ତାହା ୭୧,୪ ବର୍ଷକୁ ହ୍ରାସ ପାଇଛି । ଗୋଟିଏ ପରେ ଗୋଟିଏ ସଙ୍କଟ ଏବଂ ଅନିଶ୍ଚିତତା କାରଣରୁ ସାରା ବିଶ୍ୱରେ ମାନବ ବିକାଶ ପ୍ରଭାବିତ ହୋଇଛି ।

## ଜୀବନ ବ୍ୟାପୀ ସାଧନା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ

ଭୁବନେଶ୍ୱର: ଜୀବନବ୍ୟାପୀ ସାଧନା ଲାଗି ନୂଆଦିଲ୍ଲୀରେ କ୍ୟାପିଟାଲ ଫାଉଣ୍ଡେସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁରସ୍କାର ଦିଆଯାଇଛି । ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଏନ.ଭି. ରମନ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ୨୫ ବର୍ଷର ରାଜନୈତିକ ଜୀବନରେ ଜଣେ ଅପରାଜୟ ରାଜନୈତିକ ବ୍ୟକ୍ତିବିଶେଷ ତଥା ଜଣେ ରାଷ୍ଟ୍ରନୀତିଜ୍ଞ ଭାବରେ ନବୀନଙ୍କୁ ଏହି ସମ୍ମାନ ମିଳିଛି । ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରଠାରେ କ୍ୟାପିଟାଲ ଫାଉଣ୍ଡେସନର ସମ୍ମାନ ସମାରୋହ ଅନୁଷ୍ଠିତ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତି ଅନଙ୍ଗ କୁମାର ପଟ୍ଟନାୟକ ସମାରୋହରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀଠାରେ ପ୍ରବାସୀ ଓଡ଼ିଆମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ପୁରସ୍କାର ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବା ପରେ ତାଙ୍କୁ ହଜାର ହଜାର ଦଳୀୟ ନେତା ଓ କର୍ମୀ ସମ୍ବର୍ଦ୍ଧନା ଜଣାଇଥିଲେ ।




## ଭେଡେନ୍ ଗଣ ଦୁଷ୍କର୍ମ ମାମଲାରେ ଓଏଚ୍‌ଆର୍‌ସିର ଅସନ୍ତୋଷ

ବରଗଡ଼ : ବରଗଡ଼ ଭେଡେନ ଥାନା ଅଞ୍ଚଳର ତିନି ଦଳିତ ମହିଳାଙ୍କୁ ଗଣଦୁଷ୍କର୍ମ ଓ ଦୁଇ ଜଣଙ୍କୁ ହତ୍ୟା ମାମଲାର ତଦନ୍ତକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନ ଅସନ୍ତୋଷ ବ୍ୟକ୍ତ କରି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ପୁଲିସ ଡିଜିଙ୍କୁ ଓଏଚଆରସି ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗଙ୍କ ନିକଟରେ ଦାଖଲ ହୋଇଥିବା ତଦନ୍ତ ରିପୋର୍ଟ ତ୍ରୁଟିପୂର୍ଣ୍ଣ ଦର୍ଶାଇ କମିଶନ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି । ଏହି ଘଟଣାର ତଦନ୍ତ ଭାର ଓଏଚଆରସିର ପୁଲିସ ଏଡିଜି ତଥା ତଦନ୍ତ ବିଭାଗର ନିର୍ଦ୍ଦେଶକଙ୍କୁ ଦେଇଥିଲେ । ପୂର୍ବରୁ ଏହି ଘଟଣାର ତଦନ୍ତରେ ଅହେତୁକ ବିଳମ୍ବ ଓ ଶିଥିଳତାକୁ ନେଇ ପୁଲିସ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ କମିଶନ । ଏବେ କମିଶନଙ୍କ ତଦନ୍ତକାରୀ ଟିମ୍ ତାଙ୍କର ରିପୋର୍ଟ ଦାଖଲ କରି ଜଣାଇଛନ୍ତି ଯେ, ଏହି ଘଟଣାରେ ପୁଲିସ ତଦନ୍ତରେ କୌଣସି ଅଗ୍ରଗତି ଘଟିନାହିଁ ଏବଂ ପୀଡ଼ିତଙ୍କ ସ୍ଥାନୀୟ ପୁଲିସ ଉପରୁ ବିଶ୍ୱାସ ତୁଟି ଯାଇଥିବାରୁ ସେ ପୁଲିସ ପାଖକୁ ଯାଉ ନାହାନ୍ତି । ପୂର୍ବରୁ ତଦନ୍ତ ସମ୍ପର୍କରେ ରିପୋର୍ଟ ଦେଇ ନ ଥିବାରୁ ତଦନ୍ତକାରୀ ଅଫିସର ତଥା ବରଗଡ଼ ଏସଡିପିଓଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁସାରେ ୨୦୨୧ ଫେବୃୟାରୀ ୨୨ ତାରିଖରେ ବରଗଡ଼ ଡିଏସପି ହାଜର ହୋଇ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ । କମିଶନ ମଧ୍ୟ ହୃଦବୋଧ କରିଥିଲେ ଯେ ତଦନ୍ତ ରିପୋର୍ଟ ସଠିକ୍ ଓ ନିରପେକ୍ଷ ହୋଇନାହିଁ । ତେଣୁ ଘଟଣାର ସମସ୍ତ ରେକର୍ଡ କମିଶନଙ୍କ ତଦନ୍ତ ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଏହି ତଦନ୍ତ ରିପୋର୍ଟ ଆଧାରରେ ତତ୍କାଳୀନ ଆଇଆଇସି ଓ ଆଇଓଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିଶ କରା ନ ଯିବ ସେମାନେ ବରଗଡ଼ ଏସ୍‌ପିଙ୍କ ମାଧ୍ୟମରେ ତାହାର ଉତ୍ତର ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ଠିକ୍ ଭାବେ ହୋଇ ନାହିଁ ବୋଲି ଆବେଦନକାରୀଙ୍କ ଆଡଭୋକେଟ୍ ନିଶିକାନ୍ତ ମିଶ୍ର କମିଶନଙ୍କୁ ଜଣାଇଥିଲେ । ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଇବା ଲାଗି କମିଶନ ଡିଜି ଓ ଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇଆଇଏମ୍‌ରେ ଏକ୍‌ଜିକ୍ୟୁଟିଭ୍ ଏମବିଏ ଦ୍ୱିତୀୟ ବ୍ୟାଚ୍‌ର ସ୍ୱାଗତ ସମାରୋହ






ବୁର୍ଲା: ସମ୍ବଲପୁର ଆଇଆଇଏମରେ ଦ୍ୱିତୀୟ କାର୍ଯ୍ୟନିର୍ବାହୀ ଏମବିଏ ବ୍ୟାଚକୁ ଆଭାସି ମାଧ୍ୟମରେ ସ୍ୱାଗତ କରାଯାଇଛି । କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଏବଂ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼ି. ମୁରଲିକ୍ରୀଷ୍ଣା, ହିଣ୍ଡାଲକୋ ଉଦ୍ୟୋଗର ଉପାଧ୍ୟକ୍ଷ ତଥା ଏଚ୍.ଆର ମୁଖ୍ୟ କୃଷ୍ଣ ପାଢ଼ୀ ଏବଂ ବେଦାନ୍ତ ଉଦ୍ୟୋଗର ସିଇଓ ସୁନିଲ ଗୁପ୍ତା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଆଇ.ଆଇ.ଏମ-ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏମବିଏ ଅଧ୍ୟକ୍ଷ ଶିଖା ଭରଦ୍ୱାଜ ସୂଚନା ଏବଂ ପିଜିପି ଅଧ୍ୟକ୍ଷ ପ୍ରଫେସର ଅତ୍ରି ସେନଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇବର୍ଷର ଏକଜିକ୍ୟୁଟିଭ-ଏମବିଏରେ ୪୩ ଜଣ କାର୍ଯ୍ୟନିର୍ବାହୀ ରହିଛନ୍ତି । ସେଥିଧରୁ ୩୯ ଜଣ ପୁରୁଷ ଏବଂ ୪ ଜଣ ମହିଳା ଅଛନ୍ତି । ଅଂଶ ଗ୍ରହଣକାରୀ ମାନେ ସମଗ୍ର ଭାରତର ଏବଂ ଜାପାନର ଜଣେ ମଧ୍ୟ ରହିଛନ୍ତି । ବର୍ଷର ଅଭିଜ୍ଞତା ଦୃଷ୍ଟିରୁ ୬୦ ପ୍ରତିଶତ ଅଂଶଗ୍ରହଣକାରୀ ୧୦-୧୫ ବର୍ଷର ଅଭିଜ୍ଞତା ବର୍ଗରେ, ୫-୧୦ ବର୍ଷର ଅଭିଜ୍ଞତାରେ ୩୦ ପ୍ରତିଶତ, ୩-୫ ବର୍ଷରେ ୫୧ ପ୍ରତିଶତ ଏବଂ ୫ ପ୍ରତିଶତ ୨୦ ବର୍ଷରୁ ଅଧିକ କାର୍ଯ୍ୟ ଅଧିନରେ ରହିଛନ୍ତି । ଅଭିଜ୍ଞତା, ଏହି ଅନ୍ୟାନ୍ୟ ଅଂଶ ଗ୍ରହଣକାରୀଙ୍କ ୩୧ ବର୍ଷର ଅଭିଜ୍ଞତା ରହିଛି । ପ୍ରାୟ ୬୪ ପ୍ରତିଶତ ଅଂଶଗ୍ରହଣକାରୀ ହିଣ୍ଡାଲକୋ, ଜିନ୍ଦଲ ଷ୍ଟିଲ, ଟାଟା ଷ୍ଟିଲ, ବେଦାନ୍ତ, ଏସିସି ଇତ୍ୟାଦି ଉତ୍ପାଦନ ସେଟଅପରୁ ଆସିଛନ୍ତି, ୨୮ ପ୍ରତିଶତ ଆଇଟି ଏବଂ ଆଇଟି ସକ୍ଷମ ସେବା ପରି ଆମାଜନ କଗନିଜେଣ୍ଟ, ସ୍ୱିସ ଗ୍ଲୋବାଲ, ସାଇବେଜ ଏବଂ ଟିସିଏସର ରହିଛନ୍ତି । ଅନ୍ୟାନ୍ୟ ୮ ପ୍ରତିଶତ ଅନ୍ୟାନ୍ୟ ଉଦ୍ୟୋଗରୁ ରହିଛନ୍ତି । ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ନୂତନତ୍ୱର ଆବଶ୍ୟକତା ଆଣିବା ପାଇଁ ସେ ପାଶ୍ଚାତ୍ୟ ଜଗତର ଶିକ୍ଷା ପ୍ରଣାଳୀକୁ ଆମ ସହିତ ତୁଳନା କରିଥିଲେ ।





## ରାଜ୍ୟ ପୁଲିସ ପ୍ରଶିକ୍ଷଣକୁ କେନ୍ଦ୍ରର ମାନ୍ୟତା

ଭୁବନେଶ୍ୱର: ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ (ବିପିଏସଏଏ) ଦେଶର ଶ୍ରେଷ୍ଠ ତାଲିମ ପ୍ରତିଷ୍ଠାନ ଭାବରେ ଜାତୀୟ ମାନ୍ୟତା ପାଇଛି । ବିପିଏସପିଏର ଅଧ୍ୟକ୍ଷ ତଥା ଅରୁଣ କୁମାର ଷଡଙ୍ଗୀ ଏହି ଟ୍ରଫି ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀଠାରେ ବ୍ୟୁରୋ ଅଫ୍ ପୁଲିସ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ମୁଖ୍ୟାଳୟରେ ଅନୁଷ୍ଠିତ ୫୨ ତମ ପ୍ରତିଷ୍ଠା ଦିବସ ଉତ୍ସବରେ କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭଲ୍ଲା ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀର ନିର୍ଦ୍ଦେଶକ ତଥା ଏଡ଼ିଜି ଅରୁଣ କୁମାର ଷଡ଼ଙ୍ଗୀଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଟ୍ରଫି ପ୍ରଦାନ କରିଛନ୍ତି । ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ ୨୦୨୦-୨୧ ବର୍ଷ ପାଇଁ ଗେଜେଟେଡ୍ ଅଫିସର୍ ବର୍ଗର ସମସ୍ତ ରାଜ୍ୟ ମଧ୍ୟରେ ସର୍ବୋତ୍ତମ ପୁଲିସ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଭାବରେ ବିଚାର କରାଯାଇଥିଲା । ଜାନୁଆରୀ ୨୦୨୨ରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଟ୍ରଫି ଘୋଷଣା କରାଯାଇଥିଲା । ନୂଆଦିଲ୍ଲୀରେ ଏକ ସମାରୋହରେ ଟ୍ରଫି ପ୍ରଦାନ କରାଯାଇଥିଲା ଓ ପ୍ରଶିକ୍ଷଣ ସୁବିଧା ଓ ପଦ୍ଧତି, ପ୍ରଶିକ୍ଷକ ଏବଂ ପ୍ରଶିକ୍ଷକଙ୍କ ଦକ୍ଷତା, ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସହ ଅନ୍ୟାନ୍ୟ ପ୍ରସଙ୍ଗର ମୂଲ୍ୟାୟନ ପରେ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ୍ ଏକାଡେମୀକୁ ଦେଶର ସମସ୍ତ ରାଜ୍ୟ ପୁଲିସ୍ ତାଲିମ ପ୍ରତିଷ୍ଠାନ ମଧ୍ୟରେ ସର୍ବୋତ୍ତମ ପୁଲିସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଭାବରେ ମନୋନୀତ କରାଯାଇଛି ।

## ଏ ସଂଖ୍ୟାରେ..


ହୃଦରୋଗରୁ ଦୂରେଇ ରଖିବ ପଣସ


ସ୍ୱାସ୍ଥ୍ୟ ପାଇଁ କଦଳୀ


ଅତ୍ୟଧିକ ହଳଦି ଖାଇବା ହାନିକାରକ


ଶ୍ରାଦ୍ଧର ମହତ୍ୱ


ସିମ୍ଲା ମିର୍ଚର ଲାଭ


ଡାଳିମ୍ବର ଉପକାରିତା

# ସ୍ୱେଚ୍ଛାକୃତ ରକ୍ତଦାନ ସଂସ୍ଥା 'ଉତ୍ସର୍ଗ'ର ୩୮ତମ ବାର୍ଷିକ ଉତ୍ସବ

ସମ୍ବଲପୁର : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ'ର ୩୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ଦାସ ମୁଖ୍ୟ ଅତିଥି, ବୁର୍ଲା ଭୀମସାରର ଚକ୍ଷୁ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଶର୍ମିଷ୍ଠା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂଯୋଜକ ପ୍ରଶାନ୍ତ ପାଟଯୋଶୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯୁଗ୍ମ ସଂଯୋଜକ ରଜନୀ ନାଗ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସ୍ୱସ୍ତିକ ପାଣ୍ଡେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧମରେ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ମୃତ୍ୟୁ ପରେ ଶରୀର ଦାନ କରିଥିବା ସ୍ୱର୍ଗତ ହରିଶଙ୍କର ପତି, ଜୟଦେବ ବିଶି, ନନ୍ଦକିଶାର ପରିକା, ବଂଶୀଧର ପତି, ସଦାନନ୍ଦ ନାଥଙ୍କ ପରିବାରକୁ ଏବଂ ମୃତ୍ୟୁ ପରେ ଶରୀର ଦାନ ପାଇଁ ସ୍ୱୀକୃତି ପତ୍ର ସ୍ୱାକ୍ଷର କରିଥିବା କାର୍ତ୍ତିକ କଲେତ ଓ ଆଶିଷ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ବୁର୍ଲାସ୍ଥିତ ଭୀମସାରର ଏନାଟୋମି ବିଭାଗରେ ମୃତ୍ୟୁ ପରେ ଶରୀର ଦାନ ସମୟରେ ସହଯୋଗ କରିଆସୁଥିବା ଖ୍ରିରେସ କୁମାର ବାରିକ, ବ୍ରହ୍ମାନନ୍ଦ ମହାନନ୍ଦ, ବିପ୍ର ତାଣ୍ଡି ଓ ପିଣ୍ଟୁ ବନଛୋରଙ୍କୁ ସମ୍ମାନିତ କରାଯାଇଥିଲା । ଏଣିକି 'ଉତ୍ସର୍ଗ' ଚକ୍ଷୁ ଦାନ କ୍ଷେତ୍ରରେ ମଧ କାର୍ଯ୍ୟ ଆରମ୍ଭ କରିବ ବୋଲି ଅନୁଷ୍ଠାନର ବରିଷ୍ଠ ସଭ୍ୟ ଶିବନାରାୟଣ ପାଣିଗ୍ରାହୀ ସୂଚନା ଦେଇଥିଲେ । ବରିଷ୍ଠ ସଭ୍ୟ ସୁଧୀର ପୂଜାରୀ ଅନୁଷ୍ଠାନର କାର୍ଯ୍ୟକ୍ରମ ବିଷୟରେ କହିଥିଲେ ।




## ସମଲେଇପଦର ଛକରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

ବରଗଡ : ବରପାଲି ଠାରେ 'ଅହିଂସା ରଥ' କୁ ବିପୁଳ ସ୍ୱାଗତ କରାଯାଇଥିଲା । ବିଜେପୁର ବ୍ଲକ ଅନ୍ତର୍ଗତ ସମଲେଇପଦର ଛକ ଠାରେ ବ୍ଲକ ଚେୟାରମେନଙ୍କ ଠାରୁ ଆରମ୍ଭ କରି ବିଜେପୁରର ସମସ୍ତ ସରକାରୀ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଆସି ପୁଷ୍ପମାଲ୍ୟ ଅର୍ପଣ କରି ଅହିଂସା ରଥକୁ ସ୍ୱାଗତ ଜଣାଇବା ପରେ ଏକ ବିରାଟ ପଟୁଆରରେ ରଥକୁ ସମଲେଇପଦର ୫-ଟି ସ୍କୁଲର ପଛପଟ ପଡ଼ିଆକୁ ପାଛୋଟି ନିଆଯାଇଥିଲା । ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ ହୋଇଥିଲା । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଯୋଶୀ, ବିଜେପୁର ବିଡ଼ିଓ ସରୋଜ ବିଶ୍ୱାଳ, ତହସିଲଦାର ଆର୍ତ୍ତତ୍ରାଣ ଥାଛି, ବିଜେପୁର ବ୍ଲକ ଚେୟାରମେନ ମୋତିରାମ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ କଲ୍ୟାଣୀ ଦାଶ, ଜିଲ୍ଲା ପରିଷଦ ମାନିନୀ ଭୋଇ, ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ମେଡିକାଲ ଅଫିସର ଡାକ୍ତର ସୁଶାନ୍ତ ମେହେର,ପି.ଏଚ.ଇ.ଓ ସୁଦାମ ଚରଣ ପାଣିଗ୍ରାହୀ,ବି.ଇ.ଓ ସୁରେଶ କୁମାର ରାଉତରାୟ,ଥାନା ଅଧିକାରୀ ପ୍ରମୋଦ ସାହୁ, ଡବ୍ଲ୍ୟୁ.ଇ.ଓ ସଞ୍ଜୟ କୁମାର ଭୋଇ, ବିଜେପୁର ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମାର ମିଶ୍ର ଆୟୋଜିତ ସଭାରେ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଆଶା ଗ୍ରୁପ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା ।

## ଆକାଶବାଣୀ ରାଜଭାଷା ସମିତି ବୈଠକ

ସମ୍ବଲପୁର: ସରକାରୀ କାର୍ଯ୍ୟରେ ରାଜଭାଷା ହିନ୍ଦୀର ବ୍ୟବହାର ସମ୍ପର୍କରେ ଆଲୋଚନା ସକାଶେ ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆକାଶବାଣୀ, କଟକ ତଥା ସମ୍ବଲପୁର କେନ୍ଦ୍ରର ମୁଖ୍ୟ ପ୍ରକାଶ କୁମାର ପତି ଅଧକ୍ଷତା କରିଥିଲେ । କେନ୍ଦ୍ର ଦ୍ୱାରା ହିନ୍ଦୀରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ବିଗତ ଦିନମାନଙ୍କରେ କରାଯାଇଥିବା କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ କେନ୍ଦ୍ରର ଅଭିଯାନ୍ତ୍ରିକ ମୁଖ୍ୟ ରମେଶ ଚନ୍ଦ୍ର ଭୋଇ, କାର୍ଯ୍ୟକ୍ରମ ମୁଖ୍ୟ ମନୋଜ କୁମାର ପୂଜାରୀ, ସମାଚାର ବିଭାଗର ମୁଖ୍ୟ ସତ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖଙ୍କ ସହିତ ଅନେକ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଆକାଶବାଣୀ କେନ୍ଦ୍ରର ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ବୈଠକର ପରିଚାଳନା କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ ।

## କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ଜମାଦାରପାଲି ଏୟାରଷ୍ଟ୍ରିପ୍ ଚିହ୍ନଟ

ସମ୍ବଲପୁର : କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ଦେଶର ୫୪ ଟି ଏୟାରଷ୍ଟ୍ରିପର ନବୀକରଣ କରାଯାଇ ସବୁଦିନିଆ ବିମାନ ଚଳାଚଳ ନିମନ୍ତେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ବିଭାଗର 'ଉଡେ ଦେଶ୍‌କା ଆମ୍ ନାଗରିକ' (ଉଡାନ) ୫ ଯୋଜନା ଅନୁଯାୟୀ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ, ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଓ ଧାର୍ମୀକ ପୀଠ ଗୁଡିକୁ ବିମାନ ଚଳାଚଳ କରିବା ନିମନ୍ତେ କେନ୍ଦ୍ର ସରକାର ୫୪ ଟି ଏୟାର ଷ୍ଟ୍ରିପ୍ ଚିହ୍ନଟ କରିଛନ୍ତି । ଓଡ଼ିଶାର ୪ ଟି ଏୟାରଷ୍ଟ୍ରିପ୍ ମଧରୁ ଜମାଦାରପାଲି ଏୟାରଷ୍ଟ୍ରିପ୍ ଅନ୍ୟତମ । ଏହି ଏୟାର ଷ୍ଟ୍ରିପ ବ୍ରିଟିଶ ସମୟରେ ନିର୍ମାଣ ହୋଇଥିଲା । ଏହାର ମୁଖ୍ୟତଃ ରାଜନେତା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଗମନାଗମନ ପାଇଁ ବିମାନ ଅବତରଣ ନିମନ୍ତେ ବ୍ୟବହୃତ ହେଉଥିଲା । ତେବେ ରାଜ୍ୟ ସରକାର ଏହାକୁ ଉନ୍ନତ କରି ସମ୍ବଲପୁରରୁ ଭୁବନେଶ୍ୱର ଦୈନିକ ବିମାନ ଚାଳନାର ବ୍ୟବସ୍ଥା କରିଥିଲେ । କିଛି ଦିନ ଚାଲିବା ପରେ ତାହା ସାମୟିକ ଭାବରେ ସ୍ଥଗିତ ରହିଛି । ସମ୍ବଲପୁର ସହରଠାରୁ ୧୨ କିଲୋମିଟର ଦୂରବର୍ତ୍ତୀ ଜମାଦାରପାଲି ଠାରେ ହୀରାକୁଦ ଜଳଭଣ୍ଡାରର ସମତଳ ଅଞ୍ଚଳରେ ଏହି ଏୟାରଷ୍ଟ୍ରିପ ରହିଛି । ଏହା ସମୁଦ୍ରପତ୍ତନ ଠାରୁ ୬୫୮ ଫୁଟ୍ ଉପରେ ଅବସ୍ଥିତ ।

## ଗୁରୁ ଦିବସରେ ଦୁଇ ଶିକ୍ଷକ ପୁରସ୍କୃତ

ବୁର୍ଲା: ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଗୁରୁ ଦିବସ ପାଳନ ଅବସରରେ ଦୁଇଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଛି । ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶ୍ରେଷ୍ଠ ଶିକ୍ଷକ



ଚୟନ ପ୍ରକ୍ରିୟା ଉପରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରଫେସର ସଞ୍ଜିତ କୁମାର ସାହୁ ସୂଚନା ଦେଇଥିଲେ । ଡକ୍ଟର ହୀରକ ଚକ୍ରବର୍ତ୍ତୀ ଓ ଡକ୍ଟର ଅରୁଣ କୁମାର ଆଚାର୍ଯ୍ୟଙ୍କୁ ଉପଢୌକନ ସହିତ ୫୧୦୦ ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରଫେସର ସଞ୍ଜିତ କୁମାର ସାହୁ ଏବଂ ପ୍ରଫେସର ବିଶ୍ୱଜିତ ଶତପଥୀ ପୁରସ୍କାର ପ୍ରଦାନ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ସୁଟା) ର ସଭାପତି ପ୍ରଫେସର ସୂର୍ଯ୍ୟ ନାୟକ, ବ୍ୟବସାୟ ପ୍ରଶାସନ ବିଭାଗର ପ୍ରଫେସର ଶତପଥୀ ଏବଂ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଗୁରୁ ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ ।

## କୁତମୁଣ୍ଡାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବଲାଙ୍ଗୀର: ପାଟଣାଗଡ ବ୍ଲକ ଅନ୍ତର୍ଗତ କୁତମୁଣ୍ଡା ଗ୍ରାମର ସୁବର୍ଣ୍ଣରେଖା ନଦୀ କୂଳରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମର ପାନୀୟଜଳ ଯୋଗାଣର କୁଅଁ ପାଖରେ ଲୋକେ ଫିଙ୍ଗିଥିବା ଅଳିଆ ଆବର୍ଜନା ଜମା ହେଉଥିବାରୁ ବର୍ଷା ପାଣି ଓ ନଦୀର ପାଣି ସହିତ ମିଶି ପାନୀୟ ଜଳ ଦୂଷିତ ହେଉଥିଲା ତେଣୁ ସ୍ୱେଚ୍ଛାସେବୀ ସଂଗଠନ କୁତମୁଣ୍ଡାର ସମ୍ପାଦକ ଭୋଲାରାମ କୁମ୍ଭାରଙ୍କ ଆହ୍ୱାନରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସଞ୍ଜୀବ ମେହେର, ପ୍ରହଲ୍ଲାଦ କୁମ୍ଭାର, ରବି ନାଗ, ପ୍ରଶାନ୍ତ ସାହୁ, ଶିବ ପଟେଲ, ଯଦୁ ରଣା, ଅକ୍ଷୟ ନାଗ, କୁଞ୍ଜବନ ରଣା, ସୁମନ୍ତ ପଟେଲ, ପରାଧୀନ ଦେହେରୀ, ବବଲୁ ରଣା, ଗୋବିନ୍ଦା ନାଗ,ଗଙ୍ଗାଧର ପୁଟେଲ,ଦିଲିପ ରଣା,ପ୍ରହଲ୍ଲାଦ ଚନ୍ଦନ, ନରେଶ ଛତର, ଅମିତ ମେହେର ମାନେ ଯୋଗଦେଇ ସଫେଇ କାର୍ଯ୍ୟକ୍ରମ କରିଥିଲେ ।

## 'ଜ୍ୟୋତି' ତରଫରୁ ଚକ୍ଷୁଦାନ ପକ୍ଷ ପାଳିତ

ସମ୍ବଲପୁର: ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା 'ଜ୍ୟୋତି' ତରଫରୁ ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ 'ଚକ୍ଷୁଦାନ ପକ୍ଷ' ପାଳିତ ହୋଇ ଯାଇଅଛି । ଏହି ସଭାରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଓ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଶିବିରରେ ପ୍ରାୟ ପଚାଶ ଜଣ ବରିଷ୍ଠ ନାଗରିକଙ୍କ ପରୀକ୍ଷା କରାଯାଇ ଥିଲା । ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ତାପସ କୁମାର ଦାସ, ବରିଷ୍ଠ ସଦସ୍ୟ ଶଙ୍କର ପଣ୍ଡା, କୈଳାସ ଚନ୍ଦ୍ର ମିସ୍ତ୍ରୀ, ରାମାନୁଜ ପଣ୍ଡା, ସୁକାନ୍ତ ବହିଦାର, ଶିବ ନାରାୟଣ ପାଣିଗ୍ରାହୀ, ସୁମତି ବେରିହା, ପ୍ରଶାନ୍ତ ପାଟଯୋଶୀ, ହୃଷିକେଶ ପୂଜାରୀ, ଡକ୍ଟର ସନ୍ତୋଷ କୁମାର ଦାଶ, ରବିନାରାୟଣ ନନ୍ଦ, ପ୍ରମୁଖ ପରିଚାଳନା କରିଥିଲେ ।

## ନିଶା ଓ ମୋବାଇଲରୁ ବ୍ୟସନ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର : ଗୁରୁନାନକ ପବ୍ଲିକ ସ୍କୁଲରେ ନିଶା ଓ ମୋବାଇଲରୁ ବ୍ୟସନ ମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବ୍ରହ୍ମକୁମାର ରାଜୀବ ଓ ଡାକ୍ତର ଜୟଦେବ ମେହେର ଏଥିରେ ଯୋଗ ଦେଇ ମୋବାଇଲ ଫୋନର ଦୁର୍ବ୍ୟବହାର ଓ ନିଶା ବ୍ୟବହାର ଉପରେ ବକ୍ତବ୍ୟ ଦେବା ସହ ମାନସିକ ଚାପକୁ କିପରି ଦୂର କରାଯାଇ ପାରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ଅଧକ୍ଷ ରବୀନ୍ଦ୍ର ନାଥ ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ସମ୍ବଲପୁର ବମ୍ ସ୍କ୍ୱାର୍ଡ ଆଇଆଇସି ପ୍ରଶାନ୍ତ କୁମାର ଭୋଇ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

## ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମକୁ ନୀତିଆୟୋଗର ପ୍ରଶଂସା

ସୁନ୍ଦରଗଡ : ସୁନ୍ଦରଗଡ଼ ଜିଲ୍ଲାରେ ଶିଶୁଙ୍କ ପୋଷଣ ଲାଗି ସରକାରଙ୍କ ପକ୍ଷରୁ ଚାଲିଥିବା ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମକୁ ନୀତି ଆୟୋଗ ପ୍ରଶଂସା କରିଛନ୍ତି । ପିଲାଙ୍କ ପୋଷଣ ସହ ଏହା ସ୍ଥାନୀୟ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଜୀବିକାକୁ ସୁନିଶ୍ଚିତ କରୁଥିବା ବିଷୟ ଆୟୋଗ ଏହାର ଏକ ସର୍ବଭାରତୀୟ ରିପୋର୍ଟରେ ଦର୍ଶାଇଛନ୍ତି । ନିକଟରେ ଆୟୋଗଙ୍କ ପକ୍ଷରୁ ପ୍ରକାଶିତ 'ଟେକ ହୋମ ରାସନ- ଗୁଡ ପ୍ରାକ୍ଟିସେସ ଆକ୍ରସ ଦ ଷ୍ଟେଟସ/ ୟୁନିଅନ ଟେରିଟୋରିଜ' ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଛି । ଏଥିରେ କୋଭିଡ ସମୟରେ ସୁନ୍ଦରଗଡ଼ ଜିଲ୍ଲାରେ ଅଙ୍ଗନୱାଡି ମାଧମରେ ପିଲାଙ୍କ ଘରେ ଘରେ 'ମାଣ୍ଡିଆ ଲଡ଼ ମିକ୍ସ' ଦିଆଯିବା ବିଷୟ ଉଲ୍ଲେଖ କରାଯାଇଛି ।

## ଅନନ୍ୟା ଦାସଙ୍କୁ ପେଣ୍ଟିଂ ଉପହାର ଦେଲେ ଅମିତ୍



ସମ୍ବଲପୁର : ସମ୍ବଲପୁରର ଜଣେ ଜଣାଶୁଣା ସୁପରିଚିତ କଳାକାର ଓ ବିଜେଡିର ଯୁବ ନେତା ଅମିତ୍ ନାଥ ଜିଲ୍ଲାପାଳ ଅନନ୍ୟା ଦାସ୍‌ଙ୍କୁ ଭେଟି ଏକ ସୁନ୍ଦର ପେଣ୍ଟିଂ ଉପହାର ଦେଇଥିଲେ । ଜିଲ୍ଲାପାଳ ଜଣେ କଳା ପ୍ରେମୀ ଏବଂ ସେ ସମ୍ବଲପୁର ଜିଲ୍ଲାପାଳ ଭାବେ ଯୋଗ ଦେଲା ପରେ ବିଭିନ୍ନ ଆର୍ଟ ପ୍ରଦର୍ଶନୀକୁ ଯାଇ କଳାକାରଙ୍କୁ ଉତ୍ସାହିତ କରିଛନ୍ତି । କାଳ ଓ କଳାକାରଙ୍କ ପ୍ରତି ତାଙ୍କର ଏହି ମନୋଭାବ ଦେଖି ଅମିତ୍ ତାଙ୍କୁ ପେଣ୍ଟିଂ ଗିଫ୍ଟ କରିଛନ୍ତି ।

## ପାଚିକା ସଂଘର ଦରମା ବୃଦ୍ଧି ଦାବି

ସମ୍ବଲପୁର : ଦରମା ବୃଦ୍ଧି କରିବାକୁ ଦାବି କରି ପାଚିକା ସଂଘ ସମ୍ବଲପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଦାବି ଅନୁସାରେ, ବର୍ତ୍ତମାନ ସମୟରେ ସବୁ ଜିନିଷ ମହାଙ୍ଗା ହେଉଥିବା ବେଳେ ଅତି କମ୍ ଦରମାରେ ପାଚିକାମାନେ କାମ କରୁଛନ୍ତି । ଦୀର୍ଘ ଦିନରୁ ଏମ୍‌ଡିଏମ୍ ପାଚିକାମାନେ ସ୍କୁଲରେ କାମ କରିଆସୁଛନ୍ତି । ଏମାନେ ମାସିକ ୧୪୦୦ ଟାଙ୍କା ପାଉଥିବା ଉଲ୍ଲେଖ କରିଛନ୍ତି । ଏତେ କମ୍ ଟଙ୍କାରେ ପରିବାର ଚଳାଇବା କଷ୍ଟ କର ହୋଇପଡୁଛି । ତେଣୁ ମଜୁରୀ ହିସାବରେ ଦରମା ବୃଦ୍ଧି କରିବାକୁ ଦାବି କରିଛନ୍ତି ।

# ଶ୍ରାଦ୍ଧର ମହତ୍ତ୍ୱ

ଇହଲୋକରେ ଯେତେବେଳେ ଦେହାନ୍ତ ଘଟେ ସେହି ସମୟରେ କିଛି କଷ୍ଟ ଅନୁଭୁତ ହୁଏ । ଜୀବ ସେତେବେଳେ କେତେ ସମୟ ପାଇଁ ଅନ୍ଧକାରରେ ଆଚ୍ଛନ୍ନ ହୋଇଯାଏ । ସେ ପଥହରା ପଥ ପରି ଅସହାୟ ବୋଧ କରି ଆତଙ୍କଗ୍ରସ୍ତ ହୋଇପଡ଼େ । କିନ୍ତୁ ଏ ଅବସ୍ଥା ଅଳ୍ପ ସମୟ ପରେ ଦୂର ହୋଇଯାଏ । ସେତେବେଳେ ଅନ୍ୟସ୍ତରର ଅବସ୍ଥା ଉପସ୍ଥିତ ହୁଏ, ଏଥିରେ କେବଳ ଆନନ୍ଦ ହିଁ ଆନନ୍ଦ । ସେ ଆନନ୍ଦର ସ୍ୱରୁପ ଅବ୍ୟକ୍ତ । ତାହା ଅନିର୍ବଚୀୟ ଆନନ୍ଦ ଏବଂ ବର୍ଣ୍ଣନାତୀତ । ଏ' ଅବସ୍ଥା ମଧ କ୍ଷଣସ୍ଥାୟୀ । ଏହାର ଭୋଗ ପରେ ଜୀବକୁ ଅନ୍ୟ ଏକ ସ୍ତରକୁ ଗତି କରିବାକୁ ହୋଇଥାଏ । ଏହି ସ୍ତରରେ ଇହଲୋକରେ କରିଥିବା କର୍ମ ଅନୁଯାୟୀ ଫଳ ଭୋଗିବାକୁ ପଡ଼େ ।

ଇହକାଳରେ ଯାହା, ପ୍ରତି ଯାହା ଅନ୍ୟାୟ କରିଥାଏ ପରଲୋକରେ ସେମାନେ ସେହିପରି ଦଣ୍ଡ ବିଧାନ ମୃତ ବ୍ୟକ୍ତିକୁ ପ୍ରତିଟି ମୁହୂର୍ତ୍ତ ଦୃଶ୍ୟମାନ ହୁଏ । ଭୟରେ ସେତେବେଳେ ଏ ଦିଗକୁ ସେ ଦିଗକୁ ଦୌଡ଼ାଦୌଡ଼ି କରୁଥାଏ ଯେଉଁ ଦିଗକୁ ଯାଏ ଏତାଦୃଶ ବିଭୀଷିକା ଦର୍ଶନ କରିଥାଏ । ଏହି ସ୍ତର ବଡ଼ କଷ୍ଟଦାୟକ । କ୍ଷୁଧା ତୃଷ୍ଣାରେ ଜୀବ ଡ଼ହକବିକଳ ହୁଏ । ଆଖି ଆଗରେ ଅନେକ ଖାଦ୍ୟ ସାମଗ୍ରୀ, ତାହା କିପରି ଖାଇବାକୁ ସେ ଜାଣିପାରେ ନାହିଁ । ଏଠାରେ ଭୋଗ ଶେଷ ହେଲେ ଜୀବ କର୍ମାନୁସାରେ ଜନ୍ମଗ୍ରହଣ କରେ । ଯେ ପର୍ଯ୍ୟନ୍ତ ସେ ଜନ୍ମ ହୋଇ ନଥାଏ ଇହଲୋକରେ କରିଥିବା କର୍ମର ସୃତି ଜାଗ୍ରତ ଥାଏ ।

ହିନ୍ଦୁ ମାନଙ୍କର ଶ୍ରାଦ୍ଧାଦି କରିବା ଅବଶ୍ୟ କର୍ତ୍ତବ୍ୟ । ପୁତ୍ରର ଇଚ୍ଛାଶକ୍ତି ପ୍ରାୟୋଗରେ ପିତାମାତାଙ୍କର ଉନ୍ନତି ' ହୋଇଥାଏ । ପୁତ୍ର ହିଁ ପିତାମାତାଙ୍କର ସର୍ବାପେକ୍ଷା ପ୍ରିୟ– ଏହି କାରଣରୁ ଶ୍ରାଦ୍ଧ ଦେବା ବିଷୟରେ ପୁତ୍ର ହିଁ ପ୍ରଥମ ଅଧିକାରୀ । ପିତାମାତାଙ୍କ ପ୍ରତି ପୁତ୍ରର କୃତଜ୍ଞତା ପ୍ରକାଶର ଏହା ହିଁ ଏକ ସୁଯୋଗ୍ୟ ଅବସର । କିନ୍ତୁ ଆମ ଦେଶର ଲୋକମାନେ ନିନ୍ଦା ଓ ପ୍ରଶଂସା ବିଚାର କରି ଶ୍ରାଦ୍ଧ କରିଥାନ୍ତି । ଅନାବଶ୍ୟକ ଆଡ଼ମ୍ବର କରନ୍ତି । ଅବଶ୍ୟ କ୍ଷମତା ଥିଲେ ପିତାମାତାଙ୍କର ପାରଲୌକିକ ମଙ୍ଗଳ ନିମିତ୍ତ ଯଥାସାଧ ବ୍ୟୟପୂର୍ବକ ଦରିଦ୍ର ନାରାୟଣଙ୍କର ସେବା କରିବା ଉଚିତ । ଏହା ଦ୍ୱାରା ପ୍ରେତର ତୃପ୍ତି ସାଧନ ହୁଏ । ଶ୍ରଦ୍ଧା ପୂର୍ବକ ଅବସ୍ଥା ଅନୁସାରେ ଯେ କୌଣସି ପ୍ରକାର ଶ୍ରାଦ୍ଧ କରିବା ହିଁ ବିଧେୟ । ତେଣୁ ଧାର କରଜ କରି ବୃଷୋତ୍ସର୍ଗାଦି କରିବାର କୌଣସି ଆବଶ୍ୟକତା ନାହିଁ । ଭୂଲୋକରେ ଅହୋରାତ୍ର ଏକ ବର୍ଷ ତହିଁରେ ଉତ୍ତରାୟଣ ଦିନ ଓ ଦକ୍ଷିଣାୟନ ରାତ୍ରି ତେଣୁ ସାମ୍ବତ୍ସରିକ ଶ୍ରାଦ୍ଧର ବ୍ୟବସ୍ଥା ରହିଛି । ଜୀବ ଦେହତ୍ୟାଗ କଲା ପରେ ମହାନିଦ୍ରାରେ ଅଚେତନ ଅବସ୍ଥାରେ ଥାଏ ଓ ପରେ ଆଦ୍ୟ ଶ୍ରାଦ୍ଧ ଦିନ ପୂରକ ପିଣ୍ଡ ହୋଇଗଲେ ସେ ପ୍ରେତ ଦେହ ପ୍ରାପ୍ତ ହୁଏ । ବର୍ଷକ ପରେ ସପିଣ୍ଡୀକରଣ ହେଲେ ସେ ପିତୃଲୋକକୁ ଉନ୍ନୀତ ହୁଏ । ନିରାଲମ୍ବନ ଅବସ୍ଥାରୁ ପ୍ରେତ ହୋଇ ଜୀବ ସ୍ୱପ୍ନ ସଦୃଶ ମୂଢ଼ ଅବସ୍ଥାରେ ନାନାରୂପ ଭୋଗ କରିଥାଏ ।

ମୃତ୍ୟୁ ପରେ ଜୀବାତ୍ମା ସୂକ୍ଷ୍ମ ଶରୀର ଧରି ପ୍ରେତଲୋକରେ ଅବସ୍ଥାନ କରୁଥିବା ସମୟରେ ପୁତ୍ର ପୌତ୍ରାଦିମାନଙ୍କ ଦ୍ୱାରା ଶ୍ରଦ୍ଧା ଓ ଆଦର ସହକାରେ ପ୍ରଦତ୍ତ ଦ୍ରବ୍ୟାଦି ଗ୍ରହଣ କରିବାର ଶକ୍ତି ସେମାନଙ୍କର ଥାଏ ଏବଂ ସେମାନେ ଗ୍ରହଣ ମଧ କରନ୍ତି । ଯେପରି ନଦୀ ସ୍ରୋତରେ ତୃଣାଦି କୌଣସି ଦ୍ରବ୍ୟ ଭାସି ଯାଉ ଯାଉ କୌଣସି ଆବର୍ତ୍ତରେ ଅଟକିଯାଏ ଏବଂ ତାକୁ ପୁଣି ଟିକିଏ ଘୁଞ୍ଚାଇ ଦେଲେ ତାହା ବହୁଦୂର ଅଟକିଯାଏ ଏବଂ ତାକୁ ପୁଣି ଟିକିଏ



ଘୁଞ୍ଚାଇ ଦେଲେ ତାହା ବହୁଦୂର ପର୍ଯ୍ୟନ୍ତ ଅଗ୍ରସର ହୁଏ । ସେହିପରି ଶ୍ରାଦ୍ଧ ଦ୍ୱାରା ପ୍ରେତାତ୍ମାର ଉଗତି ହୁଏ । ତେବେ ଏହାକୁ ମୁକ୍ତି କୁହାଯାଏ ନାହିଁ । ଗୟାରେ ପିଣ୍ଡ ଦେଲେ ମୃତ ବ୍ୟକ୍ତିର ମୁକ୍ତି ହୁଏ ବୋଲି ଯାହା କୁହାଯାଏ, ସେ ମୁକ୍ତି ପ୍ରେତଲୋକରୁ ମୁକ୍ତି ଚରମ-ମୁକ୍ତି ନୁହେଁ ।

ଶ୍ରାଦ୍ଧ ଦ୍ୱାରା ପରଲୋକ ଗତ ଆତ୍ମାର କଲ୍ୟାଣ ହୁଏ ଓ ସ୍ମରଣ ହୁଏ ଯେ ମୁଁ ମରିଛି ଓ ମୋର ଏହି ଗତି ହୋଇଛି । କିନ୍ତୁ ଯେଉଁମାନଙ୍କ ଆକସ୍ମିକ ମୃତ୍ୟୁ ହୁଏ, ସେମାନଙ୍କର ଏହି ଜ୍ଞାନ ନ ଥାଏ ଯେ ସେମାନେ ମରିଛନ୍ତି । ଏହା ସେମାନଙ୍କ ପାଇଁ ଅତ୍ୟନ୍ତ ଖରାପ ଅବସ୍ଥା । ଶ୍ରାଦ୍ଧ ପ୍ରଭୃତି ବ୍ୟବସ୍ଥା ଅନୁସାରେ ବ୍ରାହ୍ମଣଙ୍କ ମନ୍ତ୍ର ଦ୍ୱାରା ମୃତ ବ୍ୟକ୍ତିଙ୍କର ଭୋଗ ଶରୀର ନଷ୍ଟ ହୁଏ ଓ ତାର ଅନ୍ୟ ସ୍ତରକୁ ଯିବାର ସୁବିଧା ହୋଇଥାଏ । ମୁସଲମାନମାନଙ୍କର ମଧ ଏଭଳି ବ୍ୟବସ୍ଥା ଅଛି । ସେମାନେ ଫାତିଆ ଦିଅନ୍ତି ।

ମଣିଷର ମୃତ୍ୟୁ ସମୟରେ ତା'ର ଦୁଇଟି ଗତି ହୋଇଥାଏ । ଉତ୍ତରାୟଣ ଓ ଦକ୍ଷିଣାୟନ । ଦକ୍ଷିଣାୟନ କୃଷ୍ଣପକ୍ଷ ସନ୍ଧ୍ୟା ପରେ ଯଦି ମୃତ୍ୟୁ ହୋଇଛି ତାର ପିତୃଯାନ ଗତି ଅନିବାର୍ଯ୍ୟ । ପିଣ୍ଡଦ୍ୱାରା ଅତିବାହିକ ଶରୀର ପ୍ରସ୍ତୁତ ହୁଏ ଏବଂ ଶ୍ରାଦ୍ଧ ଦ୍ୱାରା ସେହି ଅତିବାହିକ ଶରୀରର ପୁଷ୍ଟି ସାଧିତ ହୋଇଥାଏ । ଏ ସଂପର୍କରେ ଗରୁଡ଼ ପୁରାଣରେ ବର୍ଣ୍ଣିତ ଅଛି-

ପଶୁତ୍ୱେ ସ୍ଥାବରତ୍ୱେ
ଚ ଯତ୍ର କ୍ୱାପି ସ
ଜାୟତେ
ତତ୍ରୈବ ଜନ୍ତୁରୁପୁନଃ
ଶ୍ରାଦ୍ଧ ତତ୍ରୋପତିଷ୍ଠତି ଜୀବସ୍ୟ
ଦଶତିଃ ପିଣ୍ଡେହୋ ନିଷ୍ପାଦ୍ୟତେ
ଧ୍ରୁବମ ।
ବୁଦ୍ଧିଶ୍ଚ ଦଶଭିର୍ମା ସୈଗର୍ଭସ୍ଥସ୍ୟ
ଯଥା ଭବେତ

ଅର୍ଥାତ ଜୀବ ଯଦି ପଶୁତ୍ୱ ବା ସ୍ଥାବରତ୍ୱ ପ୍ରାପ୍ତ ହୁଏ ତଥାପି ସେ ଜୀବ ଯେଉଁଠାରେ ଥାଉ ନା କାହିକ ଶ୍ରାଦ୍ଧଦ୍ରବ୍ୟ ତା' ନିକଟରେ ଯାଇ ଉପସ୍ଥିତ ହେବ ହିଁ ହେବ । ଦୃଢ଼ ଧକ୍କା ଧନୁନ୍ଧାରୀ, କର୍ତ୍ତୃକ ପ୍ରକ୍ଷିପ୍ତ ବାଣ ଭଳି ଯାହା ଉଦ୍ଦେଶ୍ୟରେ ଶ୍ରାଦ୍ଧ କରାଯାଏ, ସେହି ଶ୍ରାଦ୍ଧ ତାହା ନିକଟରେ ଉପସ୍ଥିତ ହୁଏ । ଯେ ପର୍ଯ୍ୟନ୍ତ ଦେହାନ୍ତର ଉତ୍ପନ୍ନ ନ ହୋଇଛି, ସେ ପର୍ଯ୍ୟନ୍ତ ଶ୍ରାଦ୍ଧ ଦ୍ୱାରା ନିର୍ମିତ ହୋଇଥାଏ । ଗର୍ଭସ୍ଥ ଜୀବ ସଦୃଶ ମାସିକ ଶ୍ରାଦ୍ଧାଦି ଦ୍ୱାରା ସେହି ଦେହର ପରିପୁଷ୍ଟି ସାଧିତ ହୁଏ ।

ଶରତ ଋତୁ ଠାରୁ କନ୍ୟା ସଂକ୍ରାନ୍ତି ଯାଏଁ ପିତୃପକ୍ଷ । କିଏ ଏକୋଦ୍ଦିଷ୍ଟ କରେ ତ କିଏ ପାର୍ବଣ ଶ୍ରାଦ୍ଧ କରେ । ଯେଉଁମାନେ ତର୍ପଣ କରନ୍ତି, ତର୍ପଣ କି ଶେଷରେ ଅର୍ଥାତ ମହଳୟା ଅମାବାସ୍ୟାରେ ଶ୍ରାଦ୍ଧ କରନ୍ତି । ଦୀପଦାନ ଅମାବାସ୍ୟାରେ ମଧ ଶ୍ରାଦ୍ଧ ଅନୁଷ୍ଠିତ ହୁଏ । ଶ୍ରାଦ୍ଧର ପିଣ୍ଡକୁ ଯେ କୌଣସି ଜଳସ୍ରୋତରେ ବିସର୍ଜନ କରିବା ବିଧେୟ । ବିଶ୍ୱାସ ଅଛି ଜଳାଶୟରେ ବାସ କରୁଥିବା ପ୍ରାଣୀମାନେ ଯଥା-ମତ୍ସ୍ୟ, କଚ୍ଛପ ଇତ୍ୟାଦିଙ୍କ ମଧରେ କାଳେ ପିତୃପକ୍ଷ ଅବସ୍ଥାନ କରୁଥିବେ ଏପରିକି କାକବଳୀର ବ୍ୟବସ୍ଥା ରଖାଯାଇଛି ।

ଅଂଧାର ପକ୍ଷରେ ପିତୃପୁରୁଷଙ୍କୁ ଆନୟନ କର ଦୀପଦାନ ଅମାବାସ୍ୟା ଦିନ ଆଲୋକରେ ବିଦାୟ ଦିଆଯାଏ । ପକ୍ଷାନ୍ତରେ ତାର ନାମ ଡ଼ାଙ୍ଗ ଦେଶ ଅମାବାସ୍ୟା । କେବଳ ମଣିଷମାନେ ଯେ ଶ୍ରାଦ୍ଧ କରୁଛନ୍ତି ତାହା ନୁହଁ, ଆମ ଜଗନ୍ନାଥ ସଂସ୍କୃତିରେ ଜଗନ୍ନାଥ ମଧ ଶ୍ରାଦ୍ଧ କରନ୍ତି । ପୁରାଣ ବର୍ଣ୍ଣିତ ଶ୍ରୀରାମ ଚନ୍ଦ୍ର ଲଙ୍କାରେ ଦଶରଥଙ୍କର ଶ୍ରାଦ୍ଧ ରାବଣ ଦ୍ୱାରା କରାଇଥିଲେ । କାରଣ ଲଙ୍କାରେ ରାବଣ ଏକମାତ୍ର ବୈଦିକ ବ୍ରାହ୍ମଣ ଥିଲା । ଶ୍ରାଦ୍ଧ ଶେଷରେ ଦକ୍ଷିଣା ସ୍ୱରୁପ ବ୍ରହ୍ମ ଅସ୍ତ୍ରରେ ମୋ ଜୀବନ ନେବ ବୋଲି ରାମଙ୍କୁ ଅନୁରୋଧ କରିଥିଲା । ଅନ୍ୟତ୍ର ମଧ ଲେଖାଅଛି ସୀତାର ପ୍ରଦାନ କର ବୋଲି ରାବଣ, କହିଥିଲା । ଶ୍ରୀରାମ କହିଥିଲେ । ବର୍ତ୍ତମାନ ସୀତା ତୁମ ପାଖରେ ଅଶୋକ ବନରେ । ଦକ୍ଷିଣା ମଧ ଏପରି ପ୍ରଦାନ କରିବାର ବ୍ୟବସ୍ଥା ନାହିଁ । ବନବାସ ସମୟ ସୀତା ବାଲିପିଣ୍ଡ ଦ୍ୱାରା ଦଶରଥଙ୍କ ଶ୍ରାଦ୍ଧ କରିଥିଲେ ।

# ସ୍ୱାସ୍ଥ୍ୟ ପାଇଁ କଦଳୀ

କଦଳୀ ପାଚିବା ସହିତ ସେଥିରେ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱର ସ୍ତର ବଢ଼ିଯାଏ । ଏଥିରେ କ୍ୟାରୋଟିନଏଡ୍ ଆଣ୍ଟିଅକ୍ସିଡାଣ୍ଟ ମିଳେ ଯାହା ରୋଗପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରେ । ଅଧିକ ପାଚିଲା କଦଳୀରେ ପୋଷକ ତତ୍ତ୍ୱର ମାତ୍ରା ଆଠଗୁଣ ବଢ଼ିଯାଏ । ଏଥିରେ ପଟାସିୟମ୍, ଭିଟାମିନ୍ ଏ, ସି, ବି-୧ ଏବଂ ବି-୨ ତଥା ଫାଇବର ପ୍ରଚୁର ପରିମାଣରେ ମିଳେ । ତେଣୁ କମ୍ ପାଚିଲା କଦଳୀ ଅପେକ୍ଷା ଏହା ଶରୀରକୁ ଅଧିକ ପୁଷ୍ଟି ଓ ଶକ୍ତି ଦେଇଥାଏ । କଦଳୀରେ ଏଫଓଏସ୍ ତତ୍ତ୍ୱ ରହିଛି ଯାହା ପେଟରୋଗରେ ଆରାମ ଦିଏ । ପାଚିଲା କଦଳୀ ପେଟ ଜଳାପୋଡା କରିବା, ଗ୍ୟାସ ଏବଂ ଏସିଡିଟିରୁ ମୁକ୍ତି ଦେଇଥାଏ । ଏଥିପାଇଁ କଦଳୀକୁ ଚିନି ସହିତ ମିଶାଇ ଖାଇବା ଭଲ ।

ମ୍ୟାଗ୍ନେସିୟମ ଭରପୁର ପରିମାଣରେ ଥିବାରୁ କଦଳୀ ସହଜରେ ହଜମ ହୋଇପାରେ ।



ତେଣୁ ଶରୀରର ମେଟାବଲିଜିମ୍ ଭଲ ରହେ । ଏଥିରେ ଶର୍କରାର ମାତ୍ରା ପ୍ରାକୃତିକ ଭାବେ ଅଧିକ ଥିବାରୁ ହେମୋଗ୍ଲୋବିନ୍ ବଢ଼ାଇବାରେ ବି ସହାୟକ ।

ପରିସ୍ରାରେ ଜଳାପୋଡ଼ା, ରହିରହି ପରିସ୍ରା ହେବା ପରି ସମସ୍ୟା ଥିଲେ କଦଳୀଗଛର ତାଜା ରସ ପିଇବା ଉପକାରୀ । ଧାତୁ ଦୁର୍ବଳତା ଏବଂ ଶାରୀରିକ ଶକ୍ତିହୀନତାର ଉପଚାର ପାଇଁ ପାଚିଲା କଦଳୀ ଖୁବ୍ ଭଲ । ପ୍ରଦର ରୋଗ ଲ୍ୟୁକୋରିୟାରେ ବି ଏହା ଉପକାର ଦେଇଥାଏ । ବାନ୍ତି ଲାଗିବା ପରି ଅନୁଭବ ହେଉଥିଲେ ପାଚିଲା କଦଳୀ ଏକ ପାତ୍ରରେ ଫେଣ୍ଟି ସେଥିରେ ଚାମଚେ ମିଶ୍ରି କିମ୍ବା ଚିନି ଏବଂ ଛୋଟ ଗୁଜରାତି ମିଶାଇ ଖାଇଲେ ଭଲ ଲାଗିବ । କଦଳୀରେ ପଟାସିୟମ ଅଧିକ ଏବଂ ସୋଡିୟମ କମ୍ ପରିମାଣରେ ଥାଏ । ତେଣୁ ଏହାକୁ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରହେ । ଏହା ଶରୀରରେ ପାଣି ଅଭାବ ହେବାକୁ ଦିଏନାହିଁ ଏବଂ ହୃଦରୋଗ ତଥା ଷ୍ଟ୍ରୋକରୁ ସୁରକ୍ଷା ଦେଇଥାଏ । ଶରୀରର ବିଭିନ୍ନ ପ୍ରକାର ଆଭ୍ୟନ୍ତରୀଣ କ୍ରିୟା ଭଲଭାବେ ସମ୍ପନ୍ନ କରାଇବାରେ ବି ପାଚିଲା କଦଳୀ ସହାୟକ । କଦଳୀ ଚୋପାରେ ଦେଖାଯାଉଥିବା କଳାଦାଗ ଯୋଗୁଁ ଏହା ପଚିଯାଇଥିବା ପରି ଲାଗେ । କିନ୍ତୁ ଏପରି ଅଧିକ ପାଚିଥିବା କଦଳୀରେ ବି ଦେଖାଯାଏ । ଏହି କଦଳୀ ଖାଇଲେ କ୍ୟାନସରରୁ ସୁରକ୍ଷା ମିଳେ । ଜାପାନରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ଯେଉଁ କଦଳୀ ଚୋପାରେ କଳାଦାଗ ରହିଥାଏ ତାହା ଟିଏନଏଫ ନାମକ ତତ୍ତ୍ୱରେ ଭରପୁର । ଏହା ଶରୀରରେ କ୍ୟାନସର ସୃଷ୍ଟି କରୁଥିବା କୋଷ ପ୍ରତିରୋଧ କରିବାରେ ସହାୟକ । ତେଣୁ ଯେଉଁ କଦଳୀ ଚୋପାରେ ବେଶୀ କଳାଦାଗ ରହିଛି ନଫିଙ୍ଗି ଖାଇଦିଅନ୍ତୁ ।

# ଆଜିର ଚିନ୍ତନ

ଉତ୍କଟ ଦାରିଦ୍ର୍ୟ ଭିତରେ ଗତି କରୁଥିବା ବେଳେ ଅତି ଅପ୍ରତ୍ୟାଶିତ ଭାବରେ ପିତାମହ ଭୀଷ୍ମଙ୍କ ଦ୍ୱାରା ହସ୍ତିନାପୁରର ରାଜକୁମାର (କୌରବ ଓ ପାଣ୍ଡବ କୁମାର)ଙ୍କର ଗୁରୁ ଭାବରେ ନିଯୁକ୍ତି ପାଇଥଲେ ଆଚାର୍ଯ୍ୟ ଦ୍ରୋଣ । ଗୁରୁ ଦ୍ରୋଣଙ୍କର ଅସାଧାରଣ ଅସ୍ତ୍ରଚାଳନା ଜନିତ ଖ୍ୟାତି ସର୍ବତ୍ର ବ୍ୟାପିଯାଇଥିଲା । ନିଘଞ୍ଚ ବନାନୀ ଭିତରେ ବାସ କରୁଥିବା ନିଶାଦ ପୁତ୍ର ଏକଲବ୍ୟ କାନରେ ଏ କଥା ବାଜିଥିଲା । ବହୁ ଆଶା ନେଇ ଗୁରୁ ଦ୍ରୋଣଙ୍କ ନିକଟକୁ ଛୁଟିଯାଇଥିଲେ ଅସ୍ତ୍ରବିଦ୍ୟା ଶିକ୍ଷା ନିମନ୍ତେ । ହେଲେ 'ମୁଁ କେବଳ ରାଜକୁମାରମାନଙ୍କୁ ହିଁ ଶିକ୍ଷା ଦେବି' ଅନ୍ୟମାନଙ୍କୁ ନୁହେଁ କହି ଏକଲବ୍ୟକୁ ନାସ୍ତି କରିଦେଇଥିଲେ ଶିକ୍ଷା ଦେବାକୁ । ବିଫଳ ମନୋରଥ ହୋଇ ଏକଲବ୍ୟ ଫେରିଥିଲେ ସତ, ହେଲେ ସେହିଠାରେ ହିଁ ଦ୍ରୋଣାଚାର୍ଯ୍ୟଙ୍କୁ ମନ ଭିତରେ ଗୁରୁ ଭାବରେ ସ୍ୱୀକାର କରିନେଇଥିଲେ । ଜଙ୍ଗଲ ଭିତରେ ଦ୍ରୋଣଙ୍କର ଏକ ମାଟିର ପିତୁଳା ନିର୍ମାଣ କରି ପ୍ରତିମୂର୍ତ୍ତି ସମ୍ମୁଖରେ ଅସ୍ତ୍ର ଚାଳନା ଅଭ୍ୟାସ କରିଥିଲେ । ଶ୍ରଦ୍ଧାପୂର୍ବକ ଗୁରୁଙ୍କଠାରେ ସମର୍ପିତ ଭାବ ନେଇ କ୍ରମାଗତ ଅଭ୍ୟାସରେ ଅସ୍ତ୍ର ଚାଳନାରେ ନିପୁଣ ହୋଇଯାଇଥିଲେ ଏକଲବ୍ୟ ।

ଏକଦା ରାଜକୁମାର ମାନେ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଇଥିଲେ । ସାଥିରେ ତାଙ୍କର ଥିଲା ଏକ କୁକୁର । ରାଜକୁମାରମାନେ ଜଙ୍ଗଲରେ ବୁଲୁଥିବା ବେଳେ କୁକୁରଟି ଏଣେତେଣେ ବଣରେ ବୁଲିବା ଭିତରେ ସେହିଠାରେ ପହଞ୍ଚି ଯାଇଥିଲା ଯେଉଁଠି ଏକଲବ୍ୟ ଏକନିଷ୍ଠ ଭାବରେ ଅସ୍ତ୍ର ଶିକ୍ଷା କରୁଥିଲେ । ଏକଲବ୍ୟଙ୍କ ଅତି କୁତ୍ସିତ ଚେହେରା ଦେଖି କୁକୁରଟି ଜୋର୍‌ରେ ଭୁକିଥିଲା । ନିରନ୍ତର ଲୁକିବା କାରଣରୁ ଏକାଗ୍ରତାରେ ବାଧା ଉପୁଜିଥିଲା । ତୀର ମାରି କୁକୁରର ମୁହଁ ବନ୍ଦ କରିଦେଇଥିଲେ । କୁକୁରର ମୁହଁରେ ଲାଗିଥିଲା ସାତଟି ତୀର । ସାତଟି ତୀରରେ କୁକୁରର ମୁହଁ ବନ୍ଦ ହୋଇଯାଇଥିଲା, ହେଲେ ଅତ୍ୟାଶ୍ଚର୍ଯ୍ୟ ଭାବେ ତା'ଠାରେ ଆଘାତ ଲାଗି ନ ଥିଲା । ସାତଟି ଯାକ ତୀର ମୁହଁରେ ଲାଗିଥିବା ଅବସ୍ଥାରେ କୁକୁରକୁ ଦେଖି ରାଜକୁମାରମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏଭଳି ବିଲକ୍ଷଣ ଲକ୍ଷ୍ୟଭେଦୀ ତୀର କିଏ ପ୍ରୟୋଗ କରିଛି ତା'ର ସନ୍ଧାନ ନେବାକୁ ଯାଇ ଏକଲବ୍ୟଙ୍କୁ ଭେଟିଥିଲେ । ପଚାରିବାରୁ ଏକଲବ୍ୟ ନିଜ ପରିଚୟ ଦେଇ କହିଥିଲେ । 'ମୁଁ ହିଁ ସେହି ତୀର ଚାଳନା କରି କୁକୁରର ମୁହଁ ବନ୍ଦ କରି ଦେଇଛି । ମୋର ନାମ ଏକଲବ୍ୟ, ମୁଁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟ । ଫେରିଯାଇ ମଧ୍ୟମ ପାଣ୍ଡବ ଅର୍ଜୁନ ଗୁରୁଙ୍କୁ କହିଥିଲେ- "ଆପଣ କହିଥିଲେ ନା ମୋଠାରୁ ବଳି ଧନୁର୍ଦ୍ଧର ଆଉ କେହି ହେବେ ନାହିଁ, ହେଲେ ଆପଣଙ୍କ ଶିଷ୍ୟ ଏକଲବ୍ୟ ମୋଠାରୁ ବଡ଼ ଧନୁର୍ଦ୍ଧର ବୋଲି ଅନୁଭବ କରୁଛି । ଦ୍ରୋଣାଚାର୍ଯ୍ୟ ଏକଲବ୍ୟ ନିକଟକୁ ଯାଇଥିଲେ । ଏକଲବ୍ୟ ବିଧିପୂର୍ବକ ଗୁରୁଙ୍କୁ ପୂଜାକରି କହିଥିଲେ- 'ଆପଣଙ୍କ ଶିଷ୍ୟ ଆପଣଙ୍କର ସେବା ନିମନ୍ତେ ପ୍ରସ୍ତୁତ । ଆଜ୍ଞା ଦିଅନ୍ତୁ ।' ଯଦି ସତରେ ତୁମେ ମୋର ଶିଷ୍ୟ, ତା'ହେଲେ ମୋତେ ଗୁରୁ ଦକ୍ଷିଣା ଭାବରେ ତୁମର ଡାହାଣ ହାତର ବୃଦ୍ଧାଙ୍ଗୁଳି ଦିଅ ।


ସତ୍ୟବାଦୀ ତଥା ଗୁରୁଭକ୍ତି ଏକଲବ୍ୟ ଅତି ଉତ୍ସାହରେ ତଥା ହୃଷ୍ଟଚିତ୍ତରେ ତତ୍‌କ୍ଷଣାତ୍ ଗୁରୁଙ୍କୁ ନିଜର ବୃଦ୍ଧାଙ୍ଗୁଳି କାଟି ଅର୍ପଣ କରିଥିଲେ । ଏହା ପରେ ଏକଲବ୍ୟଙ୍କର ବାଣ ଚଳାଇବାର ତୀକ୍ଷ୍ଣତା ଲୋପ ପାଇଯାଇଥିଲା । ପରିଣାମରେ ଅର୍ଜୁନଙ୍କୁ ଶ୍ରେଷ୍ଠ ଧନୁର୍ଦ୍ଧର କରିବାର ସ୍ୱପ୍ନ ସାକାର ହୋଇଥିଲା ଦ୍ରୋଣାଚାର୍ଯ୍ୟଙ୍କର । ଦ୍ରୋଣାଚାର୍ଯ୍ୟଙ୍କର ଏହି ଗୁରୁଦକ୍ଷିଣା ତ ନିଶ୍ଚିତରେ ଥିଲା ଅଭିସନ୍ଧିମୂଳକ, ହେଲେ ଏହା ନିଶାଦ ଏକଲବ୍ୟଙ୍କର ପ୍ରତ୍ୟାଖ୍ୟାତ ଗୁରୁଙ୍କ ପ୍ରତି ଅସାଧାରଣ ଭକ୍ତିର ନିଦର୍ଶନ ଭାବେ ରହିଗଲା କାଳକାଳକୁ ।

ସ୍ୱୀକାର

ବର୍ଷ ୨୭, ସଂଖ୍ୟା- ୩୭, ୧୧ - ୧୭ ସେପ୍ଟେମ୍ବର ୨୦୨୨

# '୨୦୨୪' ପାଇଁ ପ୍ରସ୍ତୁତି

୨୦୨୪ ନିର୍ବାଚନକୁ ଆହୁରି ଦେଢ଼ ବର୍ଷ ବାକି ଅଛି । କିନ୍ତୁ, ରାଜ୍ୟରେ ଆରମ୍ଭ ହୋଇ ଗଲାଣି କାଉଣ୍ଟଡାଉନ । ସବୁ ଦଳ ଅଣ୍ଟାଭିଡ଼ି ମଇଦାନକୁ ଓହ୍ଲାଇଲେଣି । ସମରସଜ୍ଜା, ସୋ'ବାଜି ଆରମ୍ଭ ହୋଇଗଲାଣି । ଦୁଇ ଜାତୀୟ ଦଳ ଯେତିକି ଆଗେଇଛନ୍ତି, ୨୨ ବର୍ଷ ଧରି ସରକାରରେ ଥିବା ଆଞ୍ଚଳିକ ଦଳ ବିଜେଡି ତିନି ପାଦ ଆଗକୁ ଡେଇଁଛି । 'ମିଶନ ୨୪' ପାଇଁ ମାହୋଲ ଏବେଠାରୁ ଗରମ । ବଡ଼ ଝଲକରୁ ଶାସକ ବିଜେଡି ଆରମ୍ଭ କରିଛି ମିଶନ ୨୪ର ସୋ' । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭବ୍ୟ ସ୍ୱାଗତ ପାଇଁ ବିଜେଡି ରାଜଧାନୀରେ ସୁପର ସୋ' ଦେଖାଇଛି । ଜନସମୁଦ୍ର ମାଡ଼ି ଆସିଥିଲା ବିମାନବନ୍ଦର ରାସ୍ତାକୁ । ୫୦ ହଜାରରୁ ଅଧିକ କର୍ମୀଙ୍କୁ ଏକାଠି କରି ବିଜେଡି ମହାଶକ୍ତି ପ୍ରଦର୍ଶନ କରିଛି । କରୋନା ପରେ ସମ୍ଭବତଃ ବିଜେଡିର ଏହି ସମାବେଶ ଥିଲା ରାଜ୍ୟର ସବୁଠୁ ବଡ଼ ରାଜନୈତିକ ସମାବେଶ । ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରୁ ବିଜେଡି କର୍ମୀ ଛୁଟି ଆସିଥିଲେ ନବୀନଙ୍କୁ ସ୍ୱାଗତ ପାଇଁ । ଠିକ୍ ଯେମିତି ୨୦୧୯ ନିର୍ବାଚନରେ ନବୀନ ବସ୍‌ରେ ପ୍ରଚାରକୁ ଓହ୍ଲାଇଥିଲେ, ସେମିତି ହାଇଟେକ୍ ବସ୍‌ରେ ଛିଡ଼ା ହୋଇ କର୍ମୀ ଓ ସମର୍ଥକଙ୍କୁ ଅଭିବାଦନ ଜଣାଇଥିଲେ । ଏଇ ସମାଗମରୁ ବିଜେଡି ଯେମିତି ୨୦୨୪ ମହାସମର ପାଇଁ ଶଙ୍ଖ ଫୁଙ୍କି ଅନୁକୂଳ କରିଛି । ଏହାପୂର୍ବରୁ ମିଶନ ୨୦୨୪ ଲାଗି ଦଳ ପକ୍ଷରୁ ଛାମୁଆ ସଂଗଠନର ସମ୍ପ୍ରସାରଣ ଓ ନବକଳେବର କରାଯାଇଛି । ଯୁବ, ଛାତ୍ର, ମହିଳା ସଂଗଠନର ଜୁଆେ ଟିମ୍ ଗଠନ ହୋଇଛି । ରାଜ୍ୟ ବିଜେଡି ସଂଗଠନରେ ବି ଖୁବଶୀଘ୍ର ବଡ଼ ପରିବର୍ତ୍ତନ ସମ୍ଭାବନା ଅଛି । ଏହାସହ ଜିଲ୍ଲା ପର୍ଯ୍ୟବେକ୍ଷକ, ଜିଲ୍ଲା ସଂଗଠନରେ ନୂଆ ଟିମ୍ ଗଠନ ହୋଇପାରେ । ନିଗମଗୁଡ଼ିକରେ ଖୁବଶୀଘ୍ର ଅଧ୍ୟକ୍ଷ ନିଯୁକ୍ତ ହେବେ । ଅନ୍ୟପକ୍ଷରେ ବିଭିନ୍ନ ଜିଲ୍ଲାକୁ ବରିଷ୍ଠ ନେତା ଗସ୍ତ କରି ସଂଗଠନ ଓ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି । ଜୁନ ମାସରେ ମନ୍ତ୍ରୀମଣ୍ଡଳର ନବକଳେବର ବି ସରିଛି । ୨୦୨୪ ପାଇଁ ନବୀନ ଆଗୁଆ ଗୋଟି ଚାଳନା ଓ ସମରସଜ୍ଜା କରିଛନ୍ତି । ଗତ ମାସରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଗସ୍ତ ପରଠୁ ରାଜ୍ୟରେ ବିଜେପି ପୂରା ସକ୍ରିୟ ହୋଇପଡ଼ିଛି । ଶାହଙ୍କଠାରୁ ଦିଗଦର୍ଶନ ପାଇବା ପରେ ବିଜେପି ପୂର୍ବାପେକ୍ଷା ଅଧିକ ଆକ୍ରମଣାତ୍ମକ ହୋଇପଡ଼ିଛି । ଘନଘନ ପ୍ରେସମିଟ କରି ରାଜ୍ୟ ସରକାରଙ୍କୁ ଦଳ ଘେରିବାକୁ ଲାଗିଛି । ଶାହଙ୍କ ଗସ୍ତ ପରେ ରାଜ୍ୟ ପ୍ରଭାରୀ ବଦଳିଛନ୍ତି । ଉତ୍ତରପ୍ରଦେଶରେ ବିଜେପିର ଉତ୍ଥାନରେ ପ୍ରମୁଖ ଭୂମିକା ନେଇଥିବା ସୁନୀଲ ବଂଶଲଙ୍କୁ ଓଡ଼ିଶା ବିଜେପି ପାଇଁ ପ୍ରଭାରୀ କରାଯାଇଛି । ଏଥିରୁ ବିଜେପି ସ୍ପଷ୍ଟ ବାର୍ତ୍ତା ଦେଇଛି, ବିଜେପିର ଫୋକସରେ ଓଡ଼ିଶା ରହିଛି । ଇତିମଧ୍ୟରେ ବଂଶଲ ଭୁବନେଶ୍ୱରରେ ପହଞ୍ଚି ୨୦୨୪ ପାଇଁ ରଣନୀତି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଦୁଇଦିନିଆ ଗସ୍ତରେ ଆସି ଦଳର ବିଧାୟକ, ସାଂସଦ, ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ସଭାପତିମାନଙ୍କ ସହ ବଂଶଲ ଆଲୋଚନା କରିଛନ୍ତି । ଗୋଟିଏ ପଟେ ନବୀନଙ୍କୁ ସ୍ୱାଗତ ପାଇଁ ବିଜେଡି ରାଜଧାନୀରେ ସୁପର ସୋ' କରୁଥିବା ବେଳେ ସେଇ ଭୁବନେଶ୍ୱରରେ ବିଜେପି ନାରୀ ନିର୍ଯାତନାକୁ ନେଇ ସରକାର ବିରୋଧରେ ଆନ୍ଦୋଳନ ଚଳାଇଥିଲା । ନିୟମିତ କାର୍ଯ୍ୟକ୍ରମ କରିବାକୁ ବିଜେପି ରଣନୀତି କରିଛି । ଅନ୍ୟପଟେ ଆଗକୁ କେନ୍ଦ୍ରୀୟ ନେତାଙ୍କ ଘନଘନ ଗସ୍ତ କାର୍ଯ୍ୟକ୍ରମ ରହିବ । ଆସନ୍ତା ୨୯ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆସୁଛନ୍ତି । ସେହିପରି ଚଳିତ ମାସ ୧୩ରୁ ୧୫ ପର୍ଯ୍ୟନ୍ତ ପୁରୀରେ ବିଜେପିର ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । କଂଗ୍ରେସ ବି ଚୁପ୍ ବସିନାହିଁ । ଶରତ ପଟ୍ଟନାୟକ ପିସିସି ସଭାପତି ହେବା ପରେ ଦଳ ନିୟମିତ ସାମ୍ବାଦିକ ସମ୍ମିଳନୀ ଓ ଆନ୍ଦୋଳନ କରି ଦରବୃଦ୍ଧି ଭଳି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରୁଛି । ଇଡି ବିରୋଧରେ ଆନ୍ଦୋଳନ ହେଉ ଦରବୃଦ୍ଧି ପ୍ରସଙ୍ଗ, କଂଗ୍ରେସ ଲଗାତାର ଆନ୍ଦୋଳନ ତେଜିବାରେ ଲାଗିଛି । ଭାରତ ଯୋଡ଼ୋ ଅଭିଯାନ ପାଇଁ ପିସିସି ମଧ୍ୟ ବ୍ୟାପକ କାର୍ଯ୍ୟକ୍ରମ କରିବାକୁ ଯାଉଛି । ଅକ୍ଟୋବରରେ ଦଳ ପକ୍ଷରୁ ପଦଯାତ୍ରା କାର୍ଯ୍ୟକ୍ରମ ମଧ୍ୟ ରହିଛି । କଟକକୁ ଛାଡ଼ିଦେଲେ ରାଜ୍ୟ କଂଗ୍ରେସରେ ପୂର୍ବାପେକ୍ଷା ଦଳୀୟ କନ୍ଦଳ କମିଛି । ବରିଷ୍ଠ ନେତାମାନେ ମଧ୍ୟ କାନ୍ଧରେ କାନ୍ଧ ମିଶାଇ ଆଗକୁ ଆସିଲେଣି । କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଅକ୍ଟୋବରରେ ଥିବାରୁ ଏହା ପୂର୍ବରୁ ରାଜ୍ୟର ସମସ୍ତ ବ୍ଲକ ଓ ଜିଲ୍ଲା କମିଟି ଗଠନ କାର୍ଯ୍ୟ ସରିବ । ଏହାପରେ ବୁଥ, ପଞ୍ଚାୟତ, ଜିଲ୍ଲା ପରିଷଦ ଜୋନ ସ୍ତରରେ କମିଟି ଗଠନ କରାଯିବ । ଖୁବଶୀଘ୍ର ପିସିସିର ନୂଆ ଟିମ୍ ଗଠନ ହେବ । ଏହି ନୂଆ ଟିମକୁ ନେଇ ଶରତ ୨୦୨୪ ମଇଦାନକୁ ଓହ୍ଲାଇବେ । କେନ୍ଦ୍ରୀୟ ନେତାମାନେ ବାରମ୍ବାର ଓଡ଼ିଶା ଗସ୍ତ କରି କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଦଳୀୟ ନେତାଙ୍କୁ ମାର୍ଗଦର୍ଶନ କରାଇବେ । ପଞ୍ଜାବ ବିଜୟ ପରେ ଓଡ଼ିଶାରେ ମଧ୍ୟ ଆମ ଆଦମୀ ପାର୍ଟି (ଆପ୍) ଉତ୍ସାହିତ ହୋଇ ପଡ଼ିଛି । ଦଳର କେନ୍ଦ୍ରୀୟ ନେତା କରୁଛନ୍ତି । କିଛି ନେତାଙ୍କ ସହ ଆପ୍ କେନ୍ଦ୍ରୀୟ ନେତା ଯୋଗାଯୋଗ ଚଳାଇଛନ୍ତି । ଏମିତିକି ଅନ୍ୟ ଦଳରେ କୋଣଠେସା ହୋଇପଡ଼ିଥିବା ବିଧାୟକ ଓ ପୂର୍ବତନ ବିଧାୟକ ଓ ବରିଷ୍ଠ ନେତା ଆପ୍ ସମ୍ପର୍କରେ ଅଛନ୍ତି ।



# ଅହିଂସା ହେଉଛି ଉତ୍ତର

## ମହାତ୍ମା ଗାନ୍ଧୀ

ଆମେରିକାରେ କେତେକ ବନ୍ଧୁ ଅନୁମାନ କରୁଛନ୍ତି ଯେ ଅଣୁବୋମା ହିଁ ସବୁଠାରୁ ଅଧିକ ସୁନିଶ୍ଚିତ ଭାବରେ ଅହିଂସାକୁ ସମ୍ଭବ କରିପାରିବ । ଏହା ମଧ୍ୟରେ ରହିଥିବା ଧ୍ୱଂସକାରୀ ଶକ୍ତି ପୃଥିବୀର ଭାବନାରେ ଏତେ ଅଧିକ ପରିମାଣରେ ଘୃଣା ଉତ୍ପନ୍ନ କରିବ ଯେ, ବର୍ତ୍ତମାନ ପାଇଁ ସିଏ ଆଉ ହିଂସା ଆଡ଼କୁ ଆଦୌ ମନ କରିବନାହିଁ, ଯଦି ଏହି ଅର୍ଥରେ ସେପରି କୁହା ଯାଉଥାଏ, ତେବେ ଅନୁମାନଟିକୁ ମୁଁ ଠିକ୍ ବୋଲି କହିବି । ଜଣେ ମଣିଷ ସୁସ୍ୱାଦୁ ଖାଦ୍ୟ ପଦାର୍ଥମାନ ଏପରିଭାବରେ ଖାଇଚାଲିଛି ଯେ, ଶେଷକୁ ତାକୁ ଖାଇ ଖାଇ ବାନ୍ତି ଲାଗୁଛି । ଫଳରେ ସେ ଖାଇବା ବନ୍ଦ ରଖିଛି, ସେସବୁ ପଦାର୍ଥ ପାଖରୁ ଦୂରକୁ ଚାଲିଯାଉଛି । ମାତ୍ର ବାନ୍ତିର ପ୍ରଭାବଟି କିଞ୍ଚିତ୍ ଦୂର ହୋଇଯିବା ସଙ୍ଗେ ସଙ୍ଗେ ସିଏ ଚାରିଗୁଣ ଉତ୍ସାହର ସହିତ ପୁନର୍ବାର ଖାଇବା ପାଖକୁ ଫେରି ଆସୁଛି । ତାହା ଠିକ୍ ଏହିପରି କଥାଟିଏ । ଠିକ୍ ସମାନ ରୀତିଟିକୁ ଅନୁସରଣ କରି ପୃଥିବୀ ଘୃଣାର ଭାବଟି କଟିଗଲା ପରେ ନୂତନ ଉତ୍ସାହ ନେଇ ହିଂସା ପାଖକୁ ଫେରି ଆସିବ । ଅନେକ ସମୟରେ ମନ୍ଦରୁ ମଧ୍ୟ ଭଲ ନିଷ୍ପନ୍ନ ହୋଇ ଆସିଥାଏ । ମାତ୍ର, ତାହା ମନୁଷ୍ୟର ଯୋଜନା ନୁହେଁ, ଭଗବାନଙ୍କର ଯୋଜନା । ମଣିଷ ଜାଣିଛି ଯେ, ଯେମିତି ଭଲରୁ ଭଲ ନିଷ୍ପନ୍ନ ହେଉଛି, ସେହିପରି ମନ୍ଦରୁ ମନ୍ଦ ହିଁ ନିଷ୍ପନ୍ନ ହୋଇ ଆସିବ । ଧ୍ୱଂସସାଧନ ଉଦ୍ଦେଶ୍ୟରେ ଆମେରିକାର ବୈଜ୍ଞାନିକମାନେ ଓ ସୈନ୍ୟବାହିନୀ ଆଣବିକ ଶକ୍ତିକୁ ବ୍ୟବହାର କରୁଥିଲେ ହେଁ, ଅନ୍ୟ ବୈଜ୍ଞାନିକମାନେ ଯେ ତାହାକୁ ମାନବିକ ଉଦ୍ଦେଶ୍ୟ ସାଧନରେ ଅବଶ୍ୟ ବ୍ୟବହାର କରିପାରିବେ, ଏ କଥାଟିକୁ ନିଃସନ୍ଦେହଭାବରେ ଏକ ସମ୍ଭାବନାର ପରିସର ଭିତରେ ଦେଖାଯାଇ ପାରିବ । ମାତ୍ର, ଆମେରିକାର ବନ୍ଧୁମାନେ ସେହି ଅର୍ଥରେ ଆଦୌ କଥାଟିକୁ କହି ନାହାନ୍ତି । ଏକ ସ୍ପଷ୍ଟ ସତ୍ୟକୁ ସୂଚିତ କରିଦେଉଥିବା ଏକ ପ୍ରଶ୍ନର ଉପସ୍ଥାପନା କରିବା ଭଳି ସରଳତାକୁ ସେମାନଙ୍କଠାରେ କଦାପି ଆରୋପ କରିହେବ ନାହିଁ । ଘର ପୋଡ଼ିବାକୁ ଯାଉଥିବା ଜଣେ ବ୍ୟକ୍ତି ଆପଣାର ଧ୍ୱଂସମୂଳକ ତଥା ଜଘନ୍ୟ ଉଦ୍ଦେଶ୍ୟଟିର ସାଧନ ଲାଗି ହିଁ ଅଗ୍ନିକୁ ବ୍ୟବହାର କରିଥାଏ ; ମନୁଷ୍ୟ ଜାତି ପାଇଁ ପୁଷ୍ଟିକର ଭୋଜନ ପ୍ରସ୍ତୁତ କରିବା ନିମନ୍ତେ ବି କୌଣସି ଘରର ଘରଣୀ ପ୍ରତ୍ୟହ ଅଗ୍ନିକୁ ବ୍ୟବହାର କରେ । ମୁଁ ଯେତେଦୂର ଦେଖିପାରୁଛି, ଯୁଗ ଯୁଗ ଧରି ମନୁଷ୍ୟକୁ ମନୁଷ୍ୟ ଭଳି ରଖି ଆସିଥିବା କୋମଳତମ ଅନୁଭବଟିକୁ ଆଣବିକ ବୋମା ପ୍ରକୃତରେ ନଷ୍ଟ କରିଦେଇ ଯାଇଛି । ଆଗେ ତ ଯୁଦ୍ଧ କରିବାର ମଧ୍ୟ ତଥାକଥିତ କେତୋଟି ନିୟମ ରହିଥିଲା ଯାହାକି ଯୁଦ୍ଧକୁ ସହନୀୟ କରି ରଖୁଥିଲା । ବର୍ତ୍ତମାନ ତ ଆମ ଆଗରେ ନଗ୍ନ ସତ୍ୟଟି ପ୍ରକଟ ହୋଇଯାଇଛି । ଯୁଦ୍ଧ କେବଳ ବଳ ପ୍ରଦର୍ଶନର ବିଧାନଟି ବ୍ୟତୀତ ଆଉ କୌଣସି ବିଧାନକୁ ଆଦୌ ସ୍ୱୀକାର କରେନାହିଁ । ଆଣବିକ ବୋମା ମିତ୍ରପକ୍ଷର ଅସ୍ତ୍ରଘର ପାଇଁ ଏକ ଶୂନ୍ୟଗର୍ଭ ବିଜୟ ଆଣିଦେଲା ସତ, ମାତ୍ର ତାହା ଅନ୍ତତଃ ବର୍ତ୍ତମାନ ପାଇଁ ଜାପାନର ଆତ୍ମାକୁ ନଷ୍ଟ କରିଦେଲା । ଏହି ଧ୍ୱଂସଟିକୁ ଘଟାଇଥିବା ଜାତିଟିର ଆତ୍ମାକୁ କ'ଣ ଘଟିଛି ବା ନଘଟିଛି, ତାହା ଏତେ ଶୀଘ୍ର ଆଦୌ ଦେଖି ଜାଣିହେବ ନାହିଁ । ପ୍ରକୃତିର ଶକ୍ତିଗୁଡ଼ିକ ଅତ୍ୟନ୍ତ ରହସ୍ୟମୟ ଭାବରେ ଆପଣାର କାର୍ଯ୍ୟ କରୁଥାନ୍ତି । କେବଳ ସମାନ ସମାନ ଘଟଣା କ୍ଷେତ୍ରରେ ଜ୍ଞାତ ପରିଣାମଗୁଡ଼ିକୁ ଦେଖି ସେଥିରୁ ଅଜ୍ଞାତ ପରିଣାମଗୁଡ଼ିକ ବିଷୟରେ ଆପଣାର ଅନୁମାନଗୁଡ଼ିକୁ ବାହାର କରିବାକୁ ଚେଷ୍ଟା କରି ହିଁ ଆମେ ସେହି ରହସ୍ୟଟିର ଯାହା ସମାଧାନ କରିପାରିବା । ଜଣେ କ୍ରୀତଦାସର ମାଲିକ ଆପଣାକୁ ଅଥବା ଆପଣାଦ୍ୱାରା ମନୋନୀତ ଆଉଜଣକୁ ମଧ୍ୟ ପିଞ୍ଜରା ଭିତରେ ନରଖି କେବେହେଲେ କ୍ରୀତଦାସଟିକୁ ତା' ଭିତରେ ନେଇ ରଖି ପାରିବନାହିଁ । କେହି ଯେପରି ତରତର ହୋଇ ଏପରି ନଭାବନ୍ତି ଯେ, ମୁଁ ଏପରି କହି ଏକଦା ଜାପାନର ଅଯୋଗ୍ୟ ଉଚ୍ଚାକାଂକ୍ଷାର ପୂରଣ ଲାଗି ଜାପାନ ମଧ୍ୟ କରିଥିବା କୁକର୍ମଗୁଡ଼ିକୁ ସମର୍ଥନ କରିବାକୁ ଇଚ୍ଛା କରୁଛି । ଏହି କ୍ଷେତ୍ରରେ କେବଳ ମାତ୍ରାର ହିଁ ଯାହା ପାର୍ଥକ୍ୟ ରହିଛି । ମୁଁ ଜାପାନର ଲୋଭକୁ ହିଁ ଅଧିକ ଅଯୋଗ୍ୟ ବୋଲି ଭାବୁଛି । ମାତ୍ର, ଆଦୌ କୌଣସି ଦୟାଭାବନା ନରଖି ଜାପାନର ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପୁରୁଷ, ନାରୀ ଏବଂ ଶିଶୁମାନଙ୍କୁ ସଂହାର କରିବାଲାଗି ବୃହତ୍ତର ଅଯୋଗ୍ୟତାଟି କ୍ଷୁଦ୍ରତର ଅଯୋଗ୍ୟମାନଙ୍କୁ କୌଣସି ଅଧିକାର ପ୍ରଦାନ କରି ନଥିଲା । ବୋମାର ସେହି ଦୁର୍ଗତିତମ ଘଟଣାଟିରୁ ଅତ୍ୟନ୍ତ ସମୀଚୀନ ଭାବରେ ଏହି ନୈତିକ ଉପସଂହାରଟିକୁ ଆହରଣ କରାଯାଇ ପାରିବ ଯେ, ଯେପରି ଓଲଟହିଂସା ଦ୍ୱାରା ହିଂସାକୁ ଧ୍ୱଂସ କରାଯାଇ ପାରେନାହିଁ, ସେହିପରି ଏହି ବୋମାକୁ ମଧ୍ୟ ଓଲଟବୋମା ଦ୍ୱାରା ଆଦୌ ନଷ୍ଟ କରିଦେଇ ହେବନାହିଁ । କେବଳ ଅହିଂସାଦ୍ୱାରା ହିଁ ମାନବସମାଜ ହିଂସା ଭିତରୁ ବାହାରି ଆସି ପାରିବ । କେବଳ ପ୍ରେମଦ୍ୱାରା ଘୃଣାକୁ ଅତିକ୍ରମ କରିହେବ । ଓଲଟଘୃଣା କେବଳ ଘୃଣାର ଭୂମିବିସ୍ତାର ଏବଂ ଗଭୀରତାକୁ ବଢ଼ାଇଦେବାରେ ହିଁ ସାହାଯ୍ୟ କରିବ । ମୁଁ ଭଲକରି ଜାଣିଛି ଯେ, ମୋର ଯଥାଶକ୍ତି ସାମର୍ଥ୍ୟ ଦେଇ ମୁଁ ଯାହାକୁ ଜୀବନରେ ପ୍ରୟୋଗ କରିଆସିଛି ଏବଂ ଯାହା ମୁଁ ଆଗରୁ ବାରବାର କହିଛି, ଏଠାରେ କେବଳ ତାହାର ହିଁ ପୁନରାବୃତ୍ତି କରୁଛି । ଯାହା ମୁଁ ପ୍ରଥମେ କହିଥିଲି, ସେଥିରେ ମଧ୍ୟ ଖାସ୍ କିଛି ନୂଆ ନଥିଲା, ସେହି କଥାଟି ଏହି ପର୍ବତମାନେ ଯେତିକି ପୁରୁଣା, ଠିକ୍ ସେତିକି ପୁରୁଣା କେବଳ, ମୁଁ କୌଣସି ପୁସ୍ତକରେ ବୟାନ କରାଯାଇଥିବା ନୀତିକୁ ନକଲ କରି ତାହା କହି ନଥିଲି ମାତ୍ର, ମୋ' ସଭାର ପ୍ରତ୍ୟେକ ତନ୍ତୁରେ ମଧ୍ୟ ମୁଁ ଯେଉଁସବୁରେ ବିଶ୍ୱାସ କରେ, ମୁଁ ସୁନିର୍ଦ୍ଦିଷ୍ଟଭାବରେ ସେହିଗୁଡ଼ିକର ହିଁ ଘୋଷଣା କରିଥିଲି । ଜୀବନର ନାନା କ୍ଷେତ୍ରରେ ଷାଠିଏ ବର୍ଷର ପ୍ରତ୍ୟକ୍ଷ ଅଭିଜ୍ଞତା ମୋର ସେହି ବିଶ୍ୱାସକୁ କେବଳ ସମୃଦ୍ଧ ହିଁ କରିଛି ଏବଂ ବନ୍ଧୁମାନଙ୍କର ଅନୁଭବ ମଧ୍ୟ ତାହାକୁ ଅଧିକ ବଳ ଆଣି ଦେଇଛି । ଏହା ହେଉଛି କେନ୍ଦ୍ରସ୍ଥ ସେହି ସତ୍ୟ, ଯାହା ଉପରେ ନିର୍ଭର କରି ଜଣେ ଅଟଳ ଭାବରେ ଠିଆହୋଇ ପାରିବ । ବହୁ ବର୍ଷ ପୂର୍ବରୁ ମାକ୍ସ ମ୍ୟୁଲର୍ କହିଥିବା କଥାଟି ଉପରେ ମୋର ବିଶ୍ୱାସ ଅଛି । ସେ କହିଥିଲେ, ଅବିଶ୍ୱାସ କରୁଥିବା ଲୋକମାନେ ରହିଥିବା ପର୍ଯ୍ୟନ୍ତ ସତ୍ୟକୁ ବାରମ୍ବାର କହିବାର ଏକ ଆବଶ୍ୟକତା ମଧ୍ୟ ରହିଥାଏ ।

ପରମାଣୁ ବୋମାର ହ୍ରାସ ଦ୍ୱାରା ପରିଚାଳିତ ହୋଇ ପୃଥିବୀ ବାଧ୍ୟ ହୋଇ ଅହିଂସାକୁ ଗ୍ରହଣ କରିବ ନାହିଁ କି ? ଯଦି ସବୁ ଜାତିମାନଙ୍କ ପାଖରେ ପରମାଣୁ ବୋମା ରହିବ, ତେବେ ସେମାନେ ତାହାକୁ ବ୍ୟବହାର କରିବାରୁ ବିରତ ରହିବେ, କାରଣ ତାହାର ବ୍ୟବହାର ଏକାବେଳେକେ ସଂପୃକ୍ତ ସମସ୍ତଙ୍କର ହିଁ ସଂପୂର୍ଣ୍ଣ ସଂହାରକୁ ବୁଝାଉଥିବ । ଏହା ଏପରି ଘଟିବ ନାହିଁ ବୋଲି ମୋ'ର ମତ । ବର୍ତ୍ତମାନ ଏହିସବୁ ଅସ୍ତ୍ର ବଳରେ ସେ ଯେ କେତେ ଅଧିକ ପରିମାଣର ଧ୍ୱଂସ ଓ ମୃତ୍ୟୁକୁ ସମ୍ଭବ କରିପାରିବ, ସେହି ଭାବନାରେ ଆଶାନ୍ୱିତ ହୋଇ ସହିଂସ ମନୁଷ୍ୟର ଆଖି ହୁଏତ ପ୍ରଜ୍ୱଳିତ ହୋଇ ଉଠୁଥିବ ।'

# ଅଧିକ ପାଣି ପିଇବା ବିପଜ୍ଜନକ

ଜଣେ ବ୍ୟକ୍ତି କେତେ ପାଣି ପିଇବ ତାହା ପାଗ ପରିସ୍ଥିତି ଏବଂ ତାଙ୍କର ପରିଶ୍ରମର ମାତ୍ରା ଉପରେ ନିର୍ଭର କରିଥାଏ । ଅଧିକ ଜଳ ପାନ କରିବା ଦ୍ୱାରା ଏହା ଶରୀରରେ ବିଷକ୍ରିୟା ସୃଷ୍ଟି କରି ମୃତ୍ୟୁ ଘଟାଇପାରେ । ଆମକୁ ଅଧିକ ଜଳ ପାନ କରିବାକୁ ସବୁବେଳେ ଉତ୍ସାହିତ କରାଯାଏ । କିନ୍ତୁ ଜାଣିରଖିବା ଉଚିତ ଯେ, ଅତ୍ୟଧିକ ଜଳପାନ ବିପଜ୍ଜନକ ହୋଇପାରେ । ଆମ ଦେହର କୋଷିକା ଏବଂ ଅଙ୍ଗ ଠିକ୍ ରୂପେ କାର୍ଯ୍ୟ କରିବା ପାଇଁ ଜଳ ଆବଶ୍ୟକ କରନ୍ତି । ଝାଳ ଓ ମୂତ୍ର ଦ୍ୱାରା ଆମ ଦେହରୁ ଜଳୀୟ ଅଂଶ ନିର୍ଗତ ହୋଇଥିବାରୁ ଏହା ପୂରଣ କରିବା ପାଇଁ ଆମେ ପାଣି ପିଇଥାଉ । ବ୍ରିଟେନରେ ଦୈନିକ ୧.୨ ଲିଟର ପାଣି ପିଇବା ପାଇଁ ସେ ଦେଶର ଜନସ୍ୱାସ୍ଥ୍ୟ ସେବା ନ୍ୟାସନାଲ ହେଲ୍‌ଥ ସର୍ଭିସ୍ ସୁପାରିସ୍ କରିଥାଏ । ଶରୀରରେ ଜଳଶୂନ୍ୟତା ଯୋଗୁଁ କ୍ଲାନ୍ତ, ମୁଣ୍ଡ ଘୁରାଇଦେବା ଏବଂ ପେଶୀ ଯନ୍ତ୍ରଣା ଭଳି ଲକ୍ଷଣମାନ ଦେଖାଦିଏ । ଏପରି ଜଳଶୂନ୍ୟତା ଯୋଗୁ ମଧ୍ୟ ମୃତ୍ୟୁ ଘଟିପାରେ । ଅଧିକ ଜଳପାନ କରିବା ଦ୍ୱାରା ଏଭଳି ଘଟଣା ଘଟିପାରେ । ଏହାକୁ ଜଳର ବିଷକ୍ରିୟା କୁହାଯାଏ । ଅଧିକ ଜଳପାନ କରିବା ଫଳରେ ରକ୍ତରେ ଜଳ ପରିମାଣ ବୃଦ୍ଧିପାଏ । ଏହା ରକ୍ତରେ ସୋଡିୟମ୍ ମାତ୍ରାକୁ ଦ୍ରବୀଭୂତ କରେ । ଏହା ଦ୍ୱାରା ମସ୍ତିଷ୍କର କାର୍ଯ୍ୟକାରିତା ହ୍ରାସ ପାଇଥାଏ । ମୁଣ୍ଡ ଖପୁରି ଭିତରେ ଚାପ ବୃଦ୍ଧି ପାଇବା ଫଳରେ ମୁଣ୍ଡବିନ୍ଧା, ଅଶ୍ୱସ୍ତିକର ଏବଂ ବାନ୍ତି ଲାଗେ । ପରିସ୍ଥିତି ଗୁରୁତର ହେଲେ ରକ୍ତଚାପ ବୃଦ୍ଧିପାଇ ଗୋଟିଏ ଜିନିଷ ଦୁଇଟି ଭଳି ଦେଖାଯାଏ, ଶ୍ୱାସକ୍ରିୟାରେ କଷ୍ଟ ଅନୁଭୂତ ହୁଏ ଏବଂ ମାଂସପେଶୀ ଦୁର୍ବଳ ଲାଗେ । ପରିସ୍ଥିତି ଅତି ଗୁରୁତର ହେଲେ ରୋଗୀ କୋମା ଅବସ୍ଥାକୁ ଚାଲିଯାଏ ଏବଂ ମୃତ୍ୟୁ ଘଟିପାରେ । ଅନେକ ସମୟରେ ଦେଖାଯାଏ ଯେ, ଲୋକମାନଙ୍କୁ ଅଧିକ ଜଳପାନ କରିବାକୁ ପଡିଥାଏ । ବିଶେଷକରି ଖେଳାଖେଳି କରୁଥିବା ବ୍ୟକ୍ତିମାନେ ଆବଶ୍ୟକତା ଠାରୁ ଅଧିକ ଜଳ ପାନ କରନ୍ତି । ସିଜୋଫର୍ନିଆରେ ପୀଡ଼ିତ ବ୍ୟକ୍ତି ଅଧିକ ଜଳ ପାନକଲେ ସେମାନେ ମୃତ୍ୟୁବରଣ କରୁଥିବା ଗବେଷକମାନେ ଜାଣିବାକୁ ପାଇଛନ୍ତି । ତେବେ ଆବଶ୍ୟକ ପରିମାଣରେ ଜଳ ପିଇବା ଲାଗି ଗବେଷକମାନେ ପରାମର୍ଶ ଦେଇଛନ୍ତି ।

# ସର୍ବେଦ

**ଜୈସେ ମନ ନିଜ ଓ୍ୱିଷୟ ମେଁ,**
**ଗମନ କରତ ସ୍ୱଚ୍ଛନ୍ଦ ।**
**ସୁରତି ସ୍ୱଚେତନ ଧାମ ମେଁ, ଶବ୍ଦ**
**ପରଖ ସୁଖ କନ୍ଦ ॥୫୮॥**

ଭାଷ୍ୟ - ଯେଉଁ ପ୍ରକାର ମନ ନିଜ ବିଷୟରେ ସ୍ୱଚ୍ଛନ୍ଦ ଗମନ କରେ, ସେହି ପ୍ରକାର ସୁରତି ନିଜ ଧାମରେ ସଚ୍ଚିଦାନନ୍ଦ ଶବ୍ଦ ସ୍ୱରୂପ ପରଂବ୍ରହ୍ମଙ୍କର ଅନ୍ୱେଷଣ କରିଥାଏ ଅର୍ଥାତ୍ ପ୍ରଯତ୍ନ ଦ୍ୱାରା ଶବ୍ଦାନନ୍ଦ ପରମ ପୁରୁଷଙ୍କୁ ପ୍ରାପ୍ତ କରିଥାଏ ।

**ବାଣ ଲକ୍ଷ୍ୟ କୋ ଜଗ ଓ୍ୱିଧେ,**
**ସୁରତି ଶବ୍ଦ ମେଁ ବେଧ ।**
**ଗୁରୁ ଗମ ମାପ ନିଶାନ ହୈ,**
**ନିକଲେ ସବ ଭୂ ଛେଦ ॥୫୯॥**

ଭାଷ୍ୟ - ସଂସାରରେ ଯେଉଁ ପ୍ରକାର ତୀରଟିଏ ଲକ୍ଷ୍ୟକୁ ଭେଦ କରେ, ସେହି ପ୍ରକାର ସୁରତି ଗୁରୁ ବିଧାନରୁ ସମସ୍ତ ଭୂମିକୁ ଅତିକ୍ରମ କରି ନିଜ ମଣ୍ଡଳରେ ପହଞ୍ଚି ପରମ ଲକ୍ଷ୍ୟ ସାରଶବ୍ଦକୁ ଭେଦ କରେ ।

**ଚେତନ କା ଚେତନ କରଣ,**
**ସୁରତି ନିରତି ସଂଚାର ।**
**ମନ ପ୍ରଜ୍ଞା ଇନ୍ଦ୍ରିୟ ନହୀଁ, ଜଡ଼ ୟହ**
**ପ୍ରକୃତି ଓ୍ୱିକାର ॥୬୦॥**


ଭାଷ୍ୟ - ଆତ୍ମାର ଚେତନ କରଣ, ଚେତନ ସୁରତି ଅଟେ ଯାହା ନିରତି ହୋଇ ଶବ୍ଦରେ ପ୍ରବେଶ କରେ । ମନ, ପ୍ରଜ୍ଞା ଏବଂ ଇନ୍ଦ୍ରିୟ ପ୍ରାକୃତିକ ଜଡ଼ କରଣ ଅଟନ୍ତି ଯାହା ମାୟା ଦ୍ୱାରା ସୃଷ୍ଟ । ଆତ୍ମାର ଶୁଦ୍ଧିକରଣ ଚେତନ ସୁରତି ଅଟେ, ଯାହାଦ୍ୱାରା ସେହି ଚେତନ ପରଂବ୍ରହ୍ମଙ୍କର ସାକ୍ଷାତକାର ଅନୁଭବ କରିଥାଏ ।

**ଆତମ ନିଜ ଅଜ୍ଞାନ ସେ,**
**ଭୌତିକ ଦେହ ସମ୍ବନ୍ଧ ।**
**କର୍ମ ପାଶାନ ପାଶ ମେଁ, ଜନ୍ମ**
**ମରଣ ଦୁଖ ଅନ୍ଧ ॥୬୧॥**

ଭାଷ୍ୟ - ଜୀବାତ୍ମା ନିଜର ଅଜ୍ଞାନତା କାରଣରୁ ପତିତ ହୋଇ ଭୌତିକ ତଥା ସ୍ଥୁଳ ଶରୀରକୁ ଧାରଣ କରେ । ବାସ୍ତବରେ ଆତ୍ମାର ଶୁଦ୍ଧ ସ୍ୱରୂପ ପ୍ରକୃତି ବିକାରଶୂନ୍ୟ ଶୁଦ୍ଧ ଚେତନ ଅଟେ । ସେ କର୍ମର ବନ୍ଧନରେ ଜଡ଼ିତ ହୋଇ, ଅନ୍ଧକାରରେ ରହି ଜନ୍ମ ମରଣ ଦୁଃଖକୁ ଭୋଗ କରିଥାଏ । ଜୀବର ଦୁଃଖର କାରଣ ଅଜ୍ଞାନତା ଅଟେ ଏବଂ ଅଜ୍ଞାନତାରୁ ସେ ସଂସାରର ଆତଯାତ ଦୁଃଖକୁ ପ୍ରାପ୍ତ କରିଥାଏ । ସେଥିପାଇଁ ଜନ୍ମ ମରଣ ଚକ୍ରରୁ ମୁକ୍ତି ପାଇବା ନିମନ୍ତେ ମହାପ୍ରଭୁଙ୍କର ଭକ୍ତି କରିବା ଉଚିତ ।

**ଚିତ ମନ ପ୍ରଜ୍ଞା ଜଡ଼ କରଣ,**
**ଚେତନ ସୁରତି ପ୍ରକାଶ ।**
**ଅନ୍ତର ଉର୍ଦ୍ଧ୍ୱ ଓ୍ୱିଓ୍ୱେକ ମେଁ, ଆତମ**
**ଦିବ୍ୟ ଓ୍ୱିକାଶ ॥୬୨॥**

ଭାଷ୍ୟ - ଆତ୍ମାର ଚେତନାରୁ ହିଁ ଅନ୍ତଃକରଣ ନିଜ କାର୍ଯ୍ୟ କରେ ଏବଂ ସେହି ଚେତନା ଯେତେବେଳେ ଅନ୍ତରର ଉର୍ଦ୍ଧ୍ୱ ଜ୍ଞାନରେ ଅଗ୍ରସର ହୋଇ ସ୍ଥିର ହୋଇଯାଏ, ସେତେବେଳେ ଆତ୍ମାର ଦିବ୍ୟ ବିକାଶ ହୋଇଥାଏ ।




**ଜିଓ୍ୱ ଉନ୍ମତ୍ତ ଜଗ ଭରମତା,**
**ଭଟକତ ବକତ ଅନେକ ।**
**କର୍ମ ପାଶ ମେଁ ପାଶିୟା, ଦୁଖ**
**ମାୟା ରତ ଟେକ ॥୬୩॥**

ଭାଷ୍ୟ - ଜୀବ ବିବେକଶୂନ୍ୟ ଭାବରେ ସଂସାରରେ ଭ୍ରମଣ କରି ନିରାଶ୍ରୟ ହୋଇ ବୃଥା ଏବଂ ବ୍ୟର୍ଥତାରେ ଅନେକ ପ୍ରକାରର ଉପଦ୍ରବ କରିଥାଏ ଏବଂ ଅଜ୍ଞାନଜନିତ କର୍ମ ପାଶରେ ବାନ୍ଧିହୋଇ ଦୁଃଖମୟ ମାୟା ଜଗତର ଆଶ୍ରୟ ନେଇଥାଏ ।

**ବ୍ରହ୍ମଓ୍ୱିଦ୍ୟା ସେ ହୀନ ଓ୍ୱେ,**
**ଅଜ୍ଞାନୀ ଜଡ଼ ନୀଚ ।**
**ଓ୍ୱାକ୍ୟ ସର୍ଓ୍ୱଥା ତ୍ୟାଗିୟେ,**
**ଜାନିୟେ ଓ୍ୱେ ଦୁଖ ମୀଚ ॥୬୪॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଶୂନ୍ୟ, ଅଜ୍ଞାନୀ ଜଡ଼ବାଦୀର କଥାକୁ ଦୁଃଖମୟ ମୃତ୍ୟୁ ସମାନ ମନେକରି ସର୍ବଦା ତ୍ୟାଗ କରନ୍ତୁ । ଅନୁଭବୀ ଆପ୍ତ ଯୋଗେଶ୍ୱରଙ୍କର ବଚନରୁ ହିଁ ସଂଶୟ ଦୂର ହୋଇ କଲ୍ୟାଣ ପ୍ରାପ୍ତି ହେବ । ପ୍ରକୃତିବାଦୀ ନାସ୍ତିକମାନଙ୍କର ବଚନ ସର୍ବଦା ବର୍ଜନୀୟ ଅଟେ ।

**ପିତୃୟାନ ମୁଲ ଚେତ ଓ୍ୱେ, କର୍ମ**
**ମାର୍ଗ ସଂସାର ।**
**ଜ୍ଞାନ ମାର୍ଗ ପର ଦେଓ୍ୱ କା,**
**ଦେଓ୍ୱୟାନ ତତ୍ତ୍ୱ ସାର ॥୬୫॥**

ଭାଷ୍ୟ - ଏକପାଦ ସ୍ଥିତ ବ୍ରହ୍ମାଧାରର ମୂଳରେ ପ୍ରକୃତି ଯୁକ୍ତ ପିତାଙ୍କର ଯେଉଁ ମାର୍ଗ ଅଛି, ତାହା ପିତୃଯାନ ଅଟେ ଏବଂ ସୁକୃତ ଦେବଙ୍କର ଜ୍ଞାନ ମାର୍ଗ ବିହଙ୍ଗମ ପଥ, ଦେବଯାନ ମାର୍ଗ ଅଟେ । ପ୍ରକୃତି ଯୁକ୍ତ ବ୍ରହ୍ମ ଆଉ ବିଶୁଦ୍ଧ ଚେତନ ପଥ - ଏହା ହିଁ ଉଭୟ ମାର୍ଗର ସାରତତ୍ତ୍ୱ ଅଟେ ।

**ବ୍ରହ୍ମଓ୍ୱେତ୍ତା ଓ୍ୱେ ଧର୍ମଓ୍ୱୀତ,**
**ନିଶ୍ଚୟ ଓ୍ୱିମଲ ଓ୍ୱିଓ୍ୱେକ ।**
**ଗୁଣ ସ୍ୱଭାଓ୍ୱ ଓ୍ୱେ କର୍ମ ହୈଁ, ଜଗ**
**ଶାସକ ପ୍ରଭୁ ଏକ ॥୬୬॥**

ଭାଷ୍ୟ - ବ୍ରହ୍ମ ତତ୍ତ୍ୱବେତ୍ତା ହିଁ ଧର୍ମର ରହସ୍ୟକୁ ସମ୍ପୂର୍ଣ୍ଣ ଭାବରେ ଜାଣିଥାନ୍ତି ଏବଂ ସମାଧି ଅବସ୍ଥା ପ୍ରାପ୍ତ ହେବା ପରେ ତାଙ୍କ ଭିତରେ ପୂର୍ଣ୍ଣ ବିବେକ ହୋଇଥାଏ, ଯେଉଁଥିରୁ ସେ ଯଥାର୍ଥ କର୍ତ୍ତବ୍ୟର ଜ୍ଞାନ ରଖିଥାନ୍ତି । ବ୍ରହ୍ମଦର୍ଶୀ ଅନୁଭବ ତତ୍ତ୍ୱ ବିଜ୍ଞାନୀମାନଙ୍କ ପାଖରେ ଈଶ୍ୱରଙ୍କର କର୍ମ, ଗୁଣ ଆଉ ସ୍ୱଭାବ ସବୁ ପ୍ରକଟ ହୋଇଯାଏ । ସେଥିପାଇଁ ସେହି ଜଗତ୍ ସଂରକ୍ଷକ କର୍ମଯୋଗୀ ସଂସାରର ପଥ ପ୍ରଦର୍ଶନ କରୁଥିବା ଶାସକ ହୋଇଥାଏ । କର୍ମଯୋଗୀ ଜୀବନ୍ମୁକ୍ତ ବ୍ରହ୍ମ ତତ୍ତ୍ୱଦର୍ଶୀ ହିଁ ସମଗ୍ର ସଂସାରର ପୂର୍ଣ୍ଣ ନେତୃତ୍ୱ ଏବଂ ଈଶ୍ୱରୀୟ ଶକ୍ତିଗୁଡ଼ିକର ସମ୍ପାଦନ କରି ତେଜ ଏବଂ ପ୍ରତାପରେ ପୂର୍ଣ୍ଣ ହୋଇ, ସମଗ୍ର ବିଶ୍ୱ ଉପରେ ଆଧ୍ୟାତ୍ମିକ ଶାସନ କରି ସଂସାରକୁ ଅମୃତ ସୁଖମୟ ପଥରେ ପରିଚାଳିତ କରି ଶାନ୍ତି ପ୍ରଦାନ କରିଥାନ୍ତି । ଈଶ୍ୱରଙ୍କର ପ୍ରତିନିଧି ରୂପରେ ଜଗତର ଶାସକ, ବିଶ୍ୱ ନେତା କର୍ମଯୋଗୀ ଅଟନ୍ତି । ସେଥିପାଇଁ ଜଗତର ଶାସକ ଆଉ ପ୍ରକୃତିକୁ ନିଜ ନିୟମ ଏବଂ ନିୟନ୍ତ୍ରଣରେ ପରିଚାଳିତ କରୁଥିବା ପ୍ରଭୁ ଉଭୟେ ଏକ ସ୍ୱରୂପର ଦୁଇଟି ସତ୍ତା ଅଟନ୍ତି ।

**ତଡ଼ିତ-ମାର ଇଓ୍ୱ ଓ୍ୱୃକ୍ଷ କୋ,**
**ଶିଖା ସେ ପଗତକ ସୂଖ ।**
**ସନ୍ତ ଶାପ ନିଷ୍ଫଲ ନହୀଁ, ଜନ୍ମ**
**ଜନ୍ମ ସହ ଦୂଖ ॥୬୭॥**

ଭାଷ୍ୟ - ଯେମିତି ବଜ୍ରପାତ ହେଲେ ବୃକ୍ଷ ଶୁଖିଯାଇ ନଷ୍ଟ ହୋଇଯାଏ, ସେମିତି ସନ୍ଥଜନର ଅଭିଶାପରୁ ପ୍ରାଣୀ ଆପାଦମସ୍ତକ ଶକ୍ତିହୀନ ହୋଇ ନଷ୍ଟ ହୋଇଯାଏ । ସନ୍ଥମାନଙ୍କର ଅଭିଶାପ କଦାପି ନିଷ୍ଫଳ ହୁଏ ନାହିଁ, ଶାପଗ୍ରସ୍ତ ପ୍ରାଣୀ ପ୍ରତ୍ୟେକ ଜନ୍ମରେ ନିଜର ପାପକୁ ଭୋଗକରି କଷ୍ଟଲାଭ କରିଥାଏ ।

**ଜ୍ଞାନ କର୍ମ ବିନ ଭକ୍ତି କେ, ସରସ**
**ସକଲ ନହିଁ ସୋୟ ।**
**ମାୟା ଦୁଖଦାୟୀ ରହୈ, ଭକ୍ତି**
**ସହିତ ଫଲ ହୋୟ ॥୬୮॥**

ଭାଷ୍ୟ - ଭକ୍ତି ବିନା କୌଣସି କର୍ମ ଅଥବା ଜ୍ଞାନ ସରସ ଅବା ପରିପୂର୍ଣ୍ଣ ହୋଇପାରେ ନାହିଁ । ପ୍ରଭୁଙ୍କର ଶରଣରେ ହିଁ ସମସ୍ତ ଜ୍ଞାନ ଆଉ କର୍ମ ଫଳ ପ୍ରଦାନ କରିଥାନ୍ତି । ପ୍ରଭୁଙ୍କର ଉପାସନାରୁ କ୍ଷାନ୍ତ ହେଲେ ଯେତେ ଯାହା କର୍ମ କଲେ ମଧ୍ୟ ସେ ସମସ୍ତ ମାୟାକୃତ କର୍ମ ଦୁଃଖ ପ୍ରଦାନ କରିଥାନ୍ତି । ଯେଉଁ ଜ୍ଞାନ ଆଉ କର୍ମ ଭକ୍ତି ସହ ଯୁକ୍ତ ହୋଇଥାନ୍ତି, ସେ ସମସ୍ତ ଶାନ୍ତି ପ୍ରଦାନ କରି ଫଳଦାୟକ ହୋଇଥାନ୍ତି । ସେଥିପାଇଁ ଈଶ୍ୱରଙ୍କର ପ୍ରକାଶରେ ସଂସାରର ସମସ୍ତ କର୍ମ ଆଉ ଜ୍ଞାନ ହେବା ଉଚିତ ।

**କୌନ ଜାନ ଅନ୍ତର କଶା,**
**କୌନ ଦରଶ ପ୍ରଭୁ ଲେୟ ।**
**ନିର୍ଲେପୀ ଜଗ କୌନ ହୈ,**
**କୌନ ପରମ ସୁଖ ଦେୟ**
**॥୬୯॥**

ଭାଷ୍ୟ - ସେହି ପରମ ଅକ୍ଷର, ନିଃଶବ୍ଦ, ପରମ ପୁରୁଷଙ୍କୁ କିଏ ଜାଣିଛି ? ଏବଂ କିଏ ସେହି ପରମ ପ୍ରଭୁଙ୍କର ଦର୍ଶନ ଲାଭ କରିଛି ? ତଥା ସଂସାରରେ ନିର୍ଲେପୀ କିଏ ? ଆଉ କେଉଁ ପୁରୁଷ ସୁଖ ପ୍ରଦାନ କରିଥାନ୍ତି ?

**ଆତ୍ମ କିରଣମୟ ସୁରତି ହୈ,**
**ତେଜ ରୋଦସୀ ଭାସ ।**
**ଦ୍ୟୋ ପର ସୁରତି ପ୍ରକାଶ ହୈ,**
**ଜଗ ଜୀଓ୍ୱନ ସୁଖ ରାସ ॥୭୦॥**

ଭାଷ୍ୟ - ଯେମିତି ସୂର୍ଯ୍ୟଙ୍କର କିରଣ ଦୂର ସ୍ଥାନକୁ ମଧ୍ୟ ଆଲୋକିତ କରିଥାଏ, ସେମିତି ହିଁ ଆତ୍ମାର କିରଣମୟ ସୁରତିର ପ୍ରକାଶ ତଥା ତେଜ ସମଗ୍ର ପୃଥିବୀରେ ପ୍ରକାଶିତ ହୋଇଥାଏ । 'ଦ୍ୟୋ' ଆଉ ପୃଥିବୀକୁ 'ରୋଦସୀ' କହନ୍ତି । ଦ୍ୟୋ ଉପରେ ସୁରତି ଯାଇ ପ୍ରକାଶିତ ହୋଇଥାଏ, ଯେଉଁଥିରୁ ଆନନ୍ଦ ପୂର୍ଣ୍ଣ ଶକ୍ତିମାନ ସତ୍ତାରୁ ସଂସାରରେ ଜୀବନ ପ୍ରାପ୍ତ ହୋଇଥାଏ । ସଂସାରର ସମସ୍ତ ଜ୍ଞାନ, ବିଜ୍ଞାନ, ଜୀବନ ପରଂବ୍ରହ୍ମଙ୍କ ଠାରୁ ପ୍ରାପ୍ତ ହୋଇଥାଏ । ସମସ୍ତ ଜଗତର ସୂତ୍ରଧାର ଆନନ୍ଦ-ପ୍ରଦାତା ପରମେଶ୍ୱର ଅଟନ୍ତି । ଜୀବ ଆଉ ଜଗତ ମଧ୍ୟରେ ପରମ ପ୍ରଭୁଙ୍କର ଆନନ୍ଦର ସ୍ରୋତ ଲାଗି ରହିଛି । ଅନୁଭବ ଚେତନ ବିଜ୍ଞାନରୁ ସେହି ଆନନ୍ଦମୟ ସତ୍ତାଙ୍କର ପରିପୂର୍ଣ୍ଣ ଅନୁଭବ ଯୋଗୀଜନ କରିଥାନ୍ତି । ଏହି ଚେତନ ଅନୁଭବ ବିଜ୍ଞାନ ବ୍ରହ୍ମବିଦ୍ୟାର ଆଭ୍ୟନ୍ତର ଭେଦ ସାଧନ ଦ୍ୱାରା ସଦ୍‌ଗୁରୁଙ୍କର ଦିବ୍ୟ ପ୍ରକାଶ ପ୍ରାପ୍ତ କଲାପରେ ଉପଲବ୍ଧି ହୋଇଥାଏ । ଜଡ଼ ଚେତନ ସମସ୍ତ ବିଜ୍ଞାନମାନଙ୍କର ଆଧାର ବ୍ରହ୍ମବିଦ୍ୟା ତଥା ପୂର୍ଣ୍ଣ ଶକ୍ତିମାନ ପରମେଶ୍ୱର ଅଟନ୍ତି । ପରମେଶ୍ୱରଙ୍କର ପ୍ରାପ୍ତିରୁ ହିଁ ସମସ୍ତ ଜ୍ଞାନ, ଆନନ୍ଦ ଆଉ ଜୀବନର ପ୍ରାପ୍ତି ହୋଇଥାଏ । ସମସ୍ତ ଜ୍ଞାନ ଆଉ ଆନନ୍ଦର ମୂଳାଧାର ଈଶ୍ୱର ଅଟନ୍ତି । ସେଥିପାଇଁ ପ୍ରତ୍ୟେକ ନର ନାରୀଙ୍କୁ ବ୍ରହ୍ମବିଦ୍ୟା ଯୋଗ ବିଧାନ ଦ୍ୱାରା ପରମ ପୁରୁଷଙ୍କ ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିବା ଉଚିତ ।

**ଜିଜ୍ଞାସୂ ଶରଣାଗତ, ଦୁଧାହାର**
**ଓ୍ୱତ ରାଖ ।**
**ଦୀକ୍ଷା ଲେ ଆଚାର୍ଯ୍ୟ ସେ,**
**ବ୍ରହ୍ମବିଦ୍ୟା ଓ୍ୱେ ଭାଖ ॥୭୧॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ଅଧିକାରୀ ଜିଜ୍ଞାସୁ ଦୁଗ୍ଧାହାର କରି ଆଚାର୍ଯ୍ୟ ସଦ୍‌ଗୁରୁଙ୍କର ଶରଣରେ ଯାଇ ବ୍ରହ୍ମବିଦ୍ୟା, ଅନୁଭବ ତତ୍ତ୍ୱଜ୍ଞାନର ଦୀକ୍ଷା ଗ୍ରହଣ କରନ୍ତୁ ଏବଂ ସେମାନେ ବ୍ରହ୍ମବିଦ୍ୟାର ଆଚାର୍ଯ୍ୟ ପୂର୍ଣ୍ଣ ରୀତିରେ ସେହି ଆଧ୍ୟାତ୍ମ ପିପାସୁ, ଯୋଗ୍ୟ ଅଧିକାରୀଙ୍କୁ ଅନୁଭବ ତତ୍ତ୍ୱର ଉପଦେଶ ପ୍ରଦାନ କରନ୍ତୁ ।

**ବ୍ରହ୍ମ ତେଜ ସଂଗ୍ରହ କରେ,**
**ମଧୁମକ୍ଷୀ ଇଓ୍ୱ ସନ୍ତ ।**
**ୟୁଗଲ ଓ୍ୱୃହଦ୍ ସ୍ୱଃଏଜ କୋ, ପୂର୍ଣ୍ଣ**
**ପ୍ରଭା ଭଗଓ୍ୱନ୍ତ ॥୭୨॥**

ଭାଷ୍ୟ - ସନ୍ଥ ମଧୁମକ୍ଷିକା ସମ ବ୍ରହ୍ମ ତେଜର ସଂଚୟ କରନ୍ତୁ । ଆନନ୍ଦ ସ୍ୱରୂପ ଭଗବାନଙ୍କର ଦୁଇ ବୃହତ୍ ଶକ୍ତିର ବିକାଶ କରି ତାହାର ପୂର୍ଣ୍ଣ ପ୍ରଭାକୁ ଆତ୍ମାରେ ଗ୍ରହଣ କରନ୍ତୁ । ପରଂବ୍ରହ୍ମଙ୍କର ପ୍ରକାଶରେ ପ୍ରକୃତିର ଅଜେୟ ଶକ୍ତି ତଥା ଏକ ପାଦ ସ୍ଥିତ ବ୍ରହ୍ମଶକ୍ତିର ସମ୍ପାଦନ କରି ଯୋଗୀ ଅଭୟ, ଅଜେୟ ହୋଇ ସଂସାରରେ ନିର୍ଭୟରେ ବିଚରଣ କରିଥାନ୍ତି ।

# ସିମ୍‌ଲା ମିର୍ଚ୍ଚର ଲାଭ

**ସି**ମଲାମିର୍ଚ୍ଚକୁ ସାଧାରଣତଃ ମୁଖ୍ୟ ପରିବା ଭାବେ ବ୍ୟବହାର କରାଯାଇ ନ ଥାଏ । ଏହାକୁ ସାଲାଡ୍, ବିଭିନ୍ନ ଚାଇନିଜ୍ ଖାଦ୍ୟ ବା ଅନ୍ୟ ପରିବା ସହ ମିଶାଇ ରନ୍ଧାଯାଇଥାଏ । ତେବେ ସିମଲା ମିର୍ଚ୍ଚର ଅନେକ ଉପକାର ରହିଛି । ଏଥିରେ ଥିବା ଭିଟାମିନ୍ ଓ ମିନରାଲ୍ସ ଶରୀରରେ ରୋଗପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ । ଶରୀରରେ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରଣ କରି ଡାଇବେଟିସ୍ ରୋଗୀଙ୍କୁ ଆରାମ ପହଞ୍ଚାଇଥାଏ । ଏଥିରେ କ୍ୟାଲୋରୀ ମାତ୍ରା କମ୍ ରହୁଥିବାରୁ ଶରୀରରେ ଅଧିକ କ୍ୟାଲୋରୀ ସଞ୍ଚୟ ହୋଇପାରେନି । ଭିଟାମିନ୍ 'ସି' ଭରପୁର ମାତ୍ରା ରହିଥିବାରୁ ସଂକ୍ରାମକ ରୋଗ ସହ ଲଢ଼ିବାର କ୍ଷମତା ବୃଦ୍ଧି କରିଥାଏ । ଏହା ଶ୍ୱେତ ରକ୍ତ କଣିକାକୁ ସଂକ୍ରମଣ ସହ ଲଢ଼ିବା ପାଇଁ ଉତ୍ତେଜିତ କରିଥାଏ । ଶରୀରର ପାଚନ କ୍ଷମତା ବୃଦ୍ଧି କରିବା ସହ ଟ୍ରାଇଗ୍ଲିସରାଇଡ୍ ସ୍ତରକୁ କମ୍ କରିଥାଏ । ଫଳରେ କ୍ୟାଲୋରୀ ବ୍ୟୟ ହେବାରେ ସାହାଯ୍ୟ କରିଥାଏ । ଯାହା ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖିଥାଏ । କ୍ୟାଲୋରୀ ବ୍ୟୟ କରିବା ସହ କୋଲେଷ୍ଟ୍ରୋଲ ମାତ୍ରା ମଧ ବୃଦ୍ଧି ହେବାକୁ ଦେଇ ନ ଥାଏ ସିମଲା ମିର୍ଚ୍ଚ । ଏଥିରେ ଥିବା ଆଣ୍ଟି ଅକ୍ସିଡେଣ୍ଟ ହାର୍ଟ ଆଟାକ୍, ଓଷ୍ଟିଓପୋରୋସିସ୍, ଆଜମା ଓ ମୋତିଆବିନ୍ଦୁ ଆଦି ରୋଗ ସହ ଲଢ଼ିବାରେ ସହାୟତା କରିଥାଏ ।



## ଟିକିଏ ହସନ୍ତୁ

ଟିଚର: ନେତା ଜୀ ଆପଣଙ୍କ ପୁଅ ଫେଲ୍ ହୋଇଛି । ଆଉ ଆପଣ ଲଡୁ ବାଣ୍ଟୁଛନ୍ତି ।
ନେତା ଜୀ: ୮୦ ଜଣ ପିଲାଙ୍କ ଭିତରୁ ୬୦ ଜଣ ଫେଲ୍ ହୋଇଛନ୍ତି । ବହୁମତ ତ ମୋ ପୁଅ ସହିତ ଅଛି ।

× × ×

ସ୍ମାର୍ଟ ଝିଅର ସ୍ମାର୍ଟ ଉତ୍ତର
ଚମ୍ପୁ: ବାହାଘର ପରେ ତୁମେ ଆଉ ଗୋଟିଏ ଘର କିଣିବାକୁ କହିବନି ତ ?
ପ୍ରେମିକା: ନା ମୁଁ ଏମିତି ଝିଅ ନୁହେଁ । ତୁମେ ବାହାଘର ପରେ ତୁମ ମା'ଙ୍କୁ ଅଲଗା ଘର ଦେଇଦେବ ।

× × × ×



ସ୍ତ୍ରୀ: ମୁଁ ବହୁ ବର୍ଷ ହେବ ତୁମ ପାଇଁ ସାବିତ୍ରୀ ବ୍ରତ ରଖୁନାହିଁ । ହେଲେ ତୁମେ ପୂର୍ବପରି ସ୍ୱାସ୍ଥ୍ୟବାନ କେମିତି ଅଛ ? ତୁମକୁ ତ ଥଣ୍ଡା ଜ୍ୱର ବି ହେଉନି ?
ସ୍ୱାମୀ: ମୁଁ ଖାଇବା ପିଇବା ପ୍ରତି ବହୁତ ଧାନ ଦେଉଛି ସେଥିପାଇଁ ।
ସ୍ତ୍ରୀ: ମତେ ବୋକା ଭାବିଛ କି ?
ସତ ସତ କୁହ ସେ ଝିଅ କିଏ ଯିଏ ତୁମ ପାଇଁ ସାବିତ୍ରୀ ବ୍ରତ ରଖୁଛି ।

× × × × × ×

ସ୍ୱାମୀ: ତୁମ ବାପାଙ୍କର ପୋଡ଼ା ଘା'ରେ ଲୁଣ ଢ଼ାଳିବା ଅଭ୍ୟାସ ଗଲା ନାହିଁ ।
ସ୍ତ୍ରୀ: କ'ଣ ହେଲା କି ?
ସ୍ୱାମୀ: ଆଜି ପୁଣି ପଚାରୁଥିଲେ ମୋ ଝିଅକୁ ବାହା ହୋଇ ଖୁସି ଅଛ ତ ।

× × × × × ×

ପତି: ଆଜି ୮ଟାରେ ଡଗ୍ ରେସ୍ ହେଉଛି ।
ମୋତେ ଶୀଘ୍ର ଯାଇ ପହଞ୍ଚିବାକୁ ପଡ଼ିବ... ।
ପତ୍ନୀ: ତୁମେ ତ ଠିକ୍ ଭାବରେ ଚାଲି ପାରୁନ ପୁଣି ଦୌଡ଼ିବାକୁ କେମିତି ଚିନ୍ତାକଲ ।

× × × × × ×

ଜଣେ ବୟସ୍କ ବ୍ୟକ୍ତି- ପୁଅ କେମିତି ଅଛ.... ?
ରାମୁ: ଠିକ୍ ଅଛି...!!!
ବୟସ୍କ: ବାପା ପାଠପଢ଼ା କେମିତି ଚାଲିଛି.... ???
ରାମୁ: ପୁରା ତୁମ ଜୀବନ ପରି...
ବୟସ୍କ: ଏହାର ମାନେ.... ???
ରାମୁ: ଭଗବାନ ଭରସାରେ !!!

× × × × × ×

ରଘୁ: ଆରେ ସାଙ୍ଗ ଗୋଟେ ବିବାହ ପାର୍ଟିରେ ଯାଉଛି ଏବେ କହ କେଉଁ କୋର୍ଟ ପିନ୍ଧିଲେ ସମସ୍ତେ ମୋ ଆଡ଼କୁ ଚାହିଁବେ ।
ସୋନୁ: ପେଟିକୋଟ ପିନ୍ଧି ପଳା ସମସ୍ତେ କେବଳ ତତେ ହିଁ ଦେଖିବେ ।

# ଡାଳିମ୍ବର ଉପକାରିତା

ପ୍ରାୟ ବର୍ଷସାରା ଉପଲବ୍ଧ ହେଉଥିବା ଡାଳିମ୍ବ ଶରୀର ପାଇଁ ଖୁବ୍ ଉପକାରୀ । ଯଦିଓ ଅନେକେ ଏହାକୁ ପୁଷ୍ଟିକର ଫଳ ଭିତରେ ଅନ୍ତର୍ଭୁକ୍ତ କରନ୍ତି ନାହିଁ । ଏହା କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ।

ଯଦି କେହି ଗର୍ଭବତୀ ମହିଳା ପ୍ରତିଦିନ ଡାଳିମ୍ବ ଜୁସ୍ ପିଅନ୍ତି ତେବେ ତାଙ୍କର ଶିଶୁଟି ସୁସ୍ଥ ହୋଇ ଜନ୍ମ ହେବ ଏବଂ କମ୍ ଓଜନ ବା ଅପପୁଷ୍ଟି ପରି ସମସ୍ୟାରେ ପଡିବ ନାହିଁ ।

ଡାଳିମ୍ବ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର । ଏହା ଶରୀରକୁ କୋଷଗୁଡିକର ଫ୍ରି ରାଡିକାଲସରୁ ସୁରକ୍ଷିତ ରଖେ । ତେଣୁ ସମୟ ପୂର୍ବରୁ ବାର୍ଦ୍ଧକ୍ୟ ଆକ୍ରମଣ କରିପାରେ ନାହିଁ । ସୂର୍ଯ୍ୟ କିରଣ ଏବଂ ପରିବେଶରେ ଥିବା ବିଷାକ୍ତ ତତ୍ତ୍ୱ ଯୋଗୁଁ ଶରୀରରେ ଫ୍ରି ରାଡିକଲସ୍ ସୃଷ୍ଟି ହୋଇଥାଏ ।

ଡାଳିମ୍ବ ପ୍ରାକୃତିକ ଭାବେ ରକ୍ତକୁ ପତଳା କରିବାରେ ସହାୟକ । ରକ୍ତ ଦୁଇ ପ୍ରକାରରେ ଜମାଟ ହୋଇଥାଏ । ପ୍ରଥମତଃ କଟିବା କିମ୍ବା ପୋଡିଯିବା କ୍ଷେତ୍ରରେ ରକ୍ତ ଜମାଟ ବାନ୍ଧେ ଯାହା



ରକ୍ତ ବହିବାକୁ ଦିଏନାହିଁ । ଅପରପକ୍ଷରେ, ଶରୀରରେ ରକ୍ତ ଆଭ୍ୟନ୍ତରୀଣ ଭାବେ ବି ଜମାଟ ବାନ୍ଧେ । ଏହା ଖୁବ୍ ଭୟଙ୍କର । ବିଶେଷକରି ହୃଦୟ ଏବଂ ଧମନୀରେ ଯଦି ରକ୍ତ ଜମାଟ ବାନ୍ଧିଯାଏ, ତେବେ ଏହାର ପରିଣାମ ଘାତକ ହୋଇପାରେ । ପେଟ ପାଇଁ ଥିନର ଯେଭଳି କାମ କରେ ରକ୍ତ ପାଇଁ ଡାଳିମ୍ବ ଠିକ୍ ସେହିପରି କାମ କରିଥାଏ । ରକ୍ତକୁ କୌଣସି ପ୍ରକାରେ ଜମାଟ ବାନ୍ଧିବାକୁ ଦିଏ ନାହିଁ ।

ବଢ଼ନ୍ତା ବୟସ ଏବଂ ଭୁଲ୍ ଖାଦ୍ୟାଚାର ଯୋଗୁ ରକ୍ତନଳୀ ଭିତରପାଖରେ କୋଲେଷ୍ଟେରଲ ଏବଂ ଅନ୍ୟ ଜିନିଷ ଜମି ଏହା ଟାଣ ହୋଇଯାଏ । ତେଣୁ ରକ୍ତପ୍ରବାହରେ ବାଧା ସୃଷ୍ଟି ହୁଏ । ଡାଳିମ୍ବର ଆଣ୍ଟିଅକ୍ସିଡାଣ୍ଟ ଗୁଣ ଯୋଗୁଁ ଏହା କମ୍ ଘନତ୍ୱ ଥିବା ଲିପୋପ୍ରୋଟିନ୍ ଏବଂ କୋଲେଷ୍ଟେରଲକୁ ଅକ୍ସିଡାଇଜିଂ ଦ୍ୱାରା ରୋକେ । ଅର୍ଥାତ୍ ରକ୍ତବାହୀ ନଳୀ ଭିତରପାଖରେ ଅତିରିକ୍ତ ଚର୍ବି ଜମାଟ ବାନ୍ଧିବାକୁ ଦିଏନାହିଁ ।

ଅକ୍ସିଜେନ୍ ମାସ୍କ ପରି ଡାଳିମ୍ବ କାମ କରେ । ଅର୍ଥାତ୍ ଏହାରଜୁସ୍ ରକ୍ତରେ ଅମ୍ଳଜାନ ସ୍ତର ବଢ଼ାଏ । ଏହାର ଆଣ୍ଟିଅକ୍ସିଡାଣ୍ଟ କୋଲେଷ୍ଟେରଲ କମ୍ କରେ, ଫ୍ରି ରାଡିକାଲସରୁ ସୁରକ୍ଷା ଦିଏ ଏବଂ ରକ୍ତ ଜମାଟ ବାନ୍ଧିବାକୁ ଦିଏନାହିଁ । ତେଣୁ ହୃଦ୍‌ରୋଗୀମାନଙ୍କ ପାଇଁ ବି ଏହା ଉପକାରୀ । ତେବେ ହୃଦରୋଗୀଙ୍କ ଔଷଧ ସହିତ ମିଶାଇଲେ ଏହା ପ୍ରତିକ୍ରିୟା ସୃଷ୍ଟି କରିପାରେ ।

ବିଭିନ୍ନ ଗଣ୍ଠିରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କର କାର୍ଟିଲେଜକୁ ସୁରକ୍ଷିତ ରଖେ ଡାଳିମ୍ବ । ଏହା କାର୍ଟିଲେଜ୍ ନଷ୍ଟ କରୁଥିବା ଏନଜାଇମ୍‌ର ପ୍ରତିରୋଧ କରିବା ସହ ପୋଡାଜଳା କରିବା ଏବଂ ଫୁଲିବା ସମସ୍ୟାରୁ ସୁରକ୍ଷା ଦିଏ । ଅସ୍ଥିକୁ ସୁସ୍ଥ ରଖେ । ପୁରୁଷମାନଙ୍କ ପାଇଁ ମଧ ଡାଳିମ୍ବ ଖୁବ୍ ଉପକାରୀ । ଏହା ସେମାନଙ୍କର ପାରିବାରିକ ଜୀବନକୁ ସୁସ୍ଥ ରଖେ । ଗବେଷଣାରୁ ଜଣାପଡିଛି ଯେ,ଡାଳିମ୍ବରେ ଥିବା ତତ୍ତ୍ୱ କ୍ୟାନସର କୋଷଗୁଡିକର ବିକାଶକୁ ମନ୍ଥର କରି ସେଗୁଡିକୁ ନଷ୍ଟ କରିଦିଏ । ଝାଡ଼ାବାନ୍ତି ରୋଗରେ ବି ଡାଳିମ୍ବ ଖାଇବା ଲାଭଦାୟକ । ଏହା ବିନା କ୍ୟାଲୋରୀର ଫଳ ହୋଇଥିବାରୁ ଓଜନ ବଢ଼ିବାକୁ ଦିଏନାହିଁ । ଏଥି ସହିତ ଆଲଝିମର ପରି ସ୍ମୃତିଶକ୍ତି ସହ ଜଡିତ ରୋଗରୁ ସୁରକ୍ଷା ଦେବାରେ ବି ଡାଳିମ୍ବ ଖୁବ୍ ଭଲ ।

# ଆପଣ ଜାଣନ୍ତି କି ?

- ମଣିଷ ଛିଙ୍କିବା ସମୟରେ ନାକରୁ ୧୬୬ କି.ମି. ପ୍ରତି ଘଣ୍ଟା ବେଗରେ ପବନ ବାହାରକୁ ଆସିଥାଏ ।
- ସାରା ଶରୀର ମଧ୍ୟରେ ରକ୍ତ ସଞ୍ଚାଳନ ହେବା ଦ୍ୱାରା ରକ୍ତକଣିକା ଦିନକୁ ପ୍ରାୟ ୬୦,୦୦୦ ମାଇଲ ଦୂରତା ଅତିକ୍ରମ କରିଥାଏ ।
- ଆମ ଶରୀର ଦିନକୁ ପ୍ରାୟ ୧-୧.୬ ଲିଟର ଲାଳ ପ୍ରସ୍ତୁତ କରିଥାଏ ।
- ଶରୀରର ଏକ ବର୍ଗ ଇଞ୍ଚ ଚର୍ମରେ ପ୍ରାୟ ୬୨୫ ଟି ସ୍ୱେଦଗ୍ରନ୍ଥି ରହିଛି ।
- ମଣିଷ ଶରୀର ଥିବା ମାଂସପେଶୀ ସଂଖ୍ୟା ଗୋଟିଏ ଶାଁବାଳୁଆ ଶରୀରରେ ଥିବା ମାଂସପେଶୀ ସଂଖ୍ୟା ଠାରୁ କମ୍ ।
- ଆଖି ଖୋଲା ରଖି ଛିଙ୍କିବା ଅସମ୍ଭବ ।
- ମଣିଷର ଜୀବନ କାଳ ମଧ୍ୟରେ ଚକ୍ଷୁର ଆକାର କେବେ ପରିବର୍ତ୍ତନ ହେଉ ନ ଥିବା ବେଳେ ନାକ ଏବଂ କାନର ବୃଦ୍ଧି କେବେ ବନ୍ଦ ହୋଇ ନ ଥାଏ ।
- ପୁରୁଷଙ୍କ ତୁଳନାରେ ମହିଳା ଦୁଇଗୁଣ ଅଧିକ ଥର ଆଖି ପତା ପକାଇଥାନ୍ତି ।
- ମଣିଷ ପାଦର ଲମ୍ବ ତା'ର କହୁଣିର ଭିତର ଭାଗ ଠାରୁ ପାପୁଲିର ଆରମ୍ଭ ବା ମଣିବନ୍ଧର ଲମ୍ବ ସହିତ ସମାନ ।
- ଏକ ସାଧାରଣ ଜୀବନ କାଳ ମଧ୍ୟରେ ଜଣେ ମଣିଷ ପ୍ରାୟ ୫ ବର୍ଷ କେବଳ ଖାଇବାରେ ବିତାଇଥାନ୍ତି ।
- ମଣିଷର ପ୍ରାୟ ୪୦୦୦ ରୁ ୧୦,୦୦୦ ପ୍ରକାରର ଗନ୍ଧ ବାରିବାର କ୍ଷମତା ରହିଛି ।

# କଳା ଲୁଣ ଖାଇବାର ଆବଶ୍ୟକତା

କଳାଲୁଣର ପ୍ରୟୋଗ କେବଳ ସାଲାଡରେ ନୁହେଁ, ବରଂ ଏହାର ଅଳ୍ପ ପରିମାଣ ନେଇ ୧ ଗିଲାସ ପାଣିରେ ମିଶାଇ ପିଇବା ମଧ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଖାଦ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ଉଚ୍ଚରକ୍ତଚାପ ରୋଗୀ ଡାକ୍ତରଙ୍କ ପରାମର୍ଶରେ କଳା ଲୁଣ ସେବନ କରିବା ଉଚିତ । ନଚେତ୍ ଅନ୍ୟ ବର୍ଗର ଲୋକଙ୍କ ପାଇଁ ଏହା କୌଣସି ଅସୁବିଧା ଉପୁଜାଇଥାଏ ।

କଳା ଲୁଣ ଚିମୁଟାଏ ମିଶା ପାଣି ଗିଲାସେ ପିଇଲେ ହଜମ ଭଲ ଭାବରେ ହେବା ସହ ଶରୀରକୁ ମେଦ ମଧ ଯଥାଶୀଘ୍ର ହ୍ରାସ ପାଇଥାଏ ।

ଏହି ଲୁଣ ପେଟରେ ଥିବା ପ୍ରାକୃତିକ ଲୁଣ, ହାଇଡ୍ରୋକ୍ଲୋରିକ୍ ଏସିଡ୍ ଓ ପ୍ରୋଟିନକୁ ହଜମ କରାଉଥିବା ଏନଜାଇମକୁ ସକ୍ରିୟ କରି ଶରୀରକୁ ଶକ୍ତି ପ୍ରଦାନ କରେ । ଦିନକୁ ଥରୁଟିଏ ଏହି ପାଣି ପିଇଲେ ନିଦ ଭଲ ଭାବରେ ହୋଇଥାଏ । କଳା ଲୁଣରେ ମହଜୁଦ୍ ଥିବା ମିନେରାଲ୍ସ ହାଡ ମଜବୁତ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

# ହୃଦରୋଗରୁ ଦୂରେଇ ରଖିବ ପଣସ

ପଣସ କଠାର ପ୍ରୟୋଗ ସାଧାରଣ ଭାବେ ତରକାରୀ ପାଇଁ କରାଯାଏ । ଏହା ବ୍ୟତୀତ ଆଚାର, ପକୁଡି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ପାଇଁ ମଧ ବ୍ୟବହୃତ ହୁଏ । ପଣସରେ ଏମିତି ଅନେକ ପୋଷକ ତତ୍ତ୍ୱ ରହିଛି ଯାହା, ଶରୀରକୁ ବିଭିନ୍ନ ରୋଗଠାରୁ ଦୂରେଇ ରଖେ । ଏଥିରେ ଅଧିକ ମାତ୍ରାରେ ଭିଟାମିନ୍, କ୍ୟାଲସିୟମ୍, ପଟାସିୟମ୍, ଆଇରନ ଓ ଅନ୍ୟ ଗୁଣ ମହଜୁଦ୍ ହୋଇ ରହିଛି । ଏହାଛଡ଼ା ଫାଇବର୍ ମଧ ପ୍ରଚୁର ପରିମାଣରେ ରହିଛି । ପଣସ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ । ପଣସରେ ଆଦୌ କ୍ୟାଲୋରୀ ନ ଥାଏ । ଫଳରେ ଏହା ହୃତପିଣ୍ଡକୁ ସୁସ୍ଥ ରଖେ । ତେଣୁ ହୃଦରୋଗୀ ଏହାକୁ ଖାଇଲେ କୌଣସି ପ୍ରକାର ଶାରୀରିକ ସମସ୍ୟା ସୃଷ୍ଟି ହୋଇ ନ ଥାଏ । କେବଳ ସେତିକି ନୁହେଁ ହୃଦରୋଗ ସମେତ ଆହୁରି ଅନେକ ରୋଗରୁ ଏହା ରକ୍ଷା କରିଥାଏ । ଯେଉଁ ଲୋକଙ୍କର ମୁହଁରେ ବାରମ୍ବାର ଚମ ଉତୁରି ଘା' ହେଉଥାଏ, ସେମାନେ ପଣସର କଞ୍ଚା ପତ୍ରକୁ ଚୋବାଇ କୁଳି କରିବା ଦରକାର । ଏହାଦ୍ୱାରା ମୁହଁ ଚମ ଉତୁରିବାରୁ ଆରୋଗ୍ୟ ମିଳେ । ସେହିପରି ଅସ୍ଥିକୁ ମଜଭୁତ କରିବାରେ ପଣସ ବେଶ୍ ଗୁଣକାରୀ ସାବ୍ୟସ୍ତ ହୋଇଛି । ଏଥିରେ ଥିବା ମ୍ୟାଗ୍ନେସିୟମ ଅସ୍ଥିକୁ ଶକ୍ତିଶାଳୀ କରିଥାଏ । ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ ଏହା ଅନେକ ମାତ୍ରାରେ ଲାଘବ କରିଥାଏ । ଏଥିରେ ପ୍ରଚୁର ମାତ୍ରାରେ ପଟାସିୟମ୍ ଓ ଆଇରନ ଭରପୁର ରହିଛି, ଯାହା ରକ୍ତଚାପ ଭଳି ସମସ୍ୟାକୁ ଦୂର କରିଥାଏ ଓ ଶରୀରରେ ରକ୍ତ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ ।



# ଅତ୍ୟଧିକ ହଳଦି ଖାଇବା ହାନିକାରକ

ହଳଦିରେ ଆଣ୍ଟିଅକ୍ସିଡାଣ୍ଟ ପରିମାଣ ଅଧିକ । ଯନ୍ତ୍ରଣା ଦୂର କରିବାଠୁ ଆରମ୍ଭ କରି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏ ଦୃଷ୍ଟିରୁ ଏହା ଶରୀର ପାଇଁ ଖୁବ୍ ହିତକାରୀ । ତେବେ ଆବଶ୍ୟକତାଠୁ ଅଧିକ ହଳଦି ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଉଛନ୍ତି । ଅତ୍ୟଧିକ ହଳଦି ଖାଇଲେ କିଡ୍‌ନି ଓ ଲିଭର୍ ଉପରେ ପ୍ରଭାବ ପଡ଼ିଥାଏ । ତେବେ ଏଥିରେ ଥିବା କରକ୍ୟୁମିନ୍ ତତ୍ତ୍ୱ ଯୋଗୁଁ ହଳଦିକୁ ସୁପରଫୁଡ୍ ବୋଲି କୁହାଯାଉଛି । ମାତ୍ର ଏହାର ପରିମାଣ ଅଧିକ ହେଲେ ଡାଇରିଆ, ବଦହଜମୀ ଆଦି ସମସ୍ୟା ଦେଖାଦିଏ । ସେହିପରି ହଳଦିରେ ଅକ୍ସାଲେଟ୍ ପରିମାଣ ଅଧିକ ଥିବାରୁ କିଡ୍‌ନି ଷ୍ଟୋନ୍ ହେବା ଆଶଙ୍କା ଅଧିକ । ଅବଶ୍ୟ ଆବଶ୍ୟକ ମୁତାବକ ହଳଦି ଖାଇବା ଯକୃତ ସ୍ୱାସ୍ଥ୍ୟ ପାଇଁ ହିତକର । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଦିନକୁ ଦୁଇ ହଜାର ମିଲିଗ୍ରାମରୁ ଅଧିକ ହଳଦି ଖାଇବା ଅନୁଚିତ । ତେବେ ଦିନକୁ ୫୦୦ ମିଲିଗ୍ରାମ୍ ହଳଦି ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ।



# କହିପାରିବେ କି ?

(୧) କେଉଁ ପୁରସ୍କାରକୁ 'ନୋବେଲ୍ ପୁରସ୍କାର' ର ବିକଳ୍ପ କୁହାଯାଏ ?

(୨) 'ଭାରତ ରତ୍ନ' ପୁରସ୍କାର ପ୍ରଥମେ କେଉଁ ମସିହାରେ ପ୍ରଦାନ କରାଯାଇଥିଲା ?

(୩) 'ବୁକର ପ୍ରାଇଜ୍' କେଉଁ କ୍ଷେତ୍ରରେ ସଫଳ ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯାଏ ?

(୪) କେଉଁ ସ୍ତନ୍ୟପାୟୀ ପ୍ରାଣୀ ଅଣ୍ଡା ଦିଏ ?

(୫) ବିରାଡ଼ିର କେଉଁ ପ୍ରଜାତି ଦଳବଦ୍ଧ ଭାବେ ଶିକାର କରେ ?

(୬) ବିଶ୍ୱରେ କେତୋଟି ଟାଇମ୍ ଜୋନ ରହିଛି ?

(୭) ଭୂପୃଷ୍ଠର କେଉଁ ସ୍ତନ୍ୟପାୟୀ ପ୍ରାଣୀର ସର୍ବାଧିକ ବୟସ ରେକର୍ଡ ହୋଇଛି ?

(୮) କ୍ରୋମିୟମ୍ ସହ ଷ୍ଟିଲ୍ ମିଶ୍ରଧାତୁର ନାମ କ'ଣ ?

(୯) ପେନ୍‌ସିଲରେ କ'ଣ ବ୍ୟବହାର କରାଯାଏ ?

(୧୦) ମସ୍ତିଷ୍କକୁ ସୁରକ୍ଷା ଦେଉଥିବା ଅସ୍ଥି ସଂରଚନାର ନାମ କ'ଣ ?

## JUMBLE WORDS

| | | | |
|---|---|---|---|
| 1) RWLAPS | = | 6) ABOHIP | = |
| 2) GATUEO | = | 7) SUTCO | = |
| 3) RGEEV | = | 8) KRIHE | = |
| 4) RAYRA | = | 9) WNDUE | = |
| 5) WINUDN | = | 10) RUCOT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧କଟକ, ୨.ଭର୍ଗିଜ୍ କୁରିଅନ୍, ୩.କୁରୁକ୍ଷେତ୍ର, ୪.ବୃହସ୍ପତି, ୫.ପଟାସିୟମ୍, ୬.ଚିତା (ଘଣ୍ଟାକୁ ୧୨୦ କିଲୋମିଟର ବେଗରେ ଦୌଡ଼ିପାରେ), ୭.ଶୁକ୍ର, ୮.ଲୁଇସ୍ ପାଶ୍ଚର, ୯.୧୯୬୧ ମସିହା, ୧୦. ଖେଳ (ଶ୍ରେଷ୍ଠ କୋଚ୍‌ଙ୍କୁ ପ୍ରଦାନ କରାଯାଏ) ।

***Jumble Words*** **ର ଉତ୍ତର :-**

(1) SASSY (2) FINAL (3) MARROW (4) TALLER (5) AWARE (6) MINUS (7) BABOON (8) DEFEAT (9) FLEET (10) SLIMY.

## ପୁନେରେ ନୂଆଁଖାଇ ଭେଟ୍‌ଘାଟ୍

ପୁନେ : ଏଠାରେ ନୂଆଖାଇ ଭେଟଘାଟ ଧୁମ ଧାମରେ ପାଳିତ ହୋଇ ଯାଇଅଛି । ଏହି ଅବସରରେ ରଙ୍ଗ ବେରଙ୍ଗର ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ସହରରେ ଥିବା ପ୍ରବାସୀ ଓଡିଶାବାସୀ ଏକତ୍ରିତ ହୋଇ ନୂଆଁଖାଇ ପାଳନ କରିଥିଲେ । ମହିଳା ମାନେ ଭଜନ ପରିବେଷଣ କରିଥିଲେ ଏବଂ କୁନି କୁନି ପିଲାମାନଙ୍କ ନାଚ, ଗୀତ ଓ ସଙ୍ଗୀତ ପର୍ବକୁ ଉତ୍ସବ ମୁଖର କରିଥିଲା । ଏହି ମଂଚରେ ଯୋଗଦାନ କରିଥିବା ବ୍ୟକ୍ତି ମାନେ ନିଜ ନିଜ ମଧରେ ଭାବର ଆଦାନ ପ୍ରଦାନ କରିଥିଲେ । କୁନି କୁନି ପିଲାମାନଙ୍କ ମଧରେ ଅନୁଷ୍ଠିତ ହୋଇଥିବା ଚିତ୍ର, ନାଚ, ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଓଡ଼ିଆ ବାହାରେ ନୂଆଁଖାଇ ପାଳନ କରିବାରେ ପୁନେ ହେଉଛି ଦିଲ୍ଲୀ ପରେ ଦ୍ୱିତୀୟ ସହର । ୨୦୦୭ ମସିହାରୁ ଦୀର୍ଘ ୧୫ ବର୍ଷ ହେବ ଏହି ପର୍ବ ପାଳନ କରାଯାଇ ଆସୁଛି । ଚଳିତ ବର୍ଷ ନୂଆଁଖାଇର ପ୍ରତିଷ୍ଠାତା ସଦସ୍ୟ ନରେନ୍ଦ୍ର ପଣ୍ଡା, ଦିଲୀପ ସାହୁ, ଉମାକାନ୍ତ ପ୍ରଧାନ, ବସନ୍ତ ପଢ଼ିଆରୀ, ସରୋଜ କୁମାର ସାହୁ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଶହୀଦ ଗଣେଶ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡା : ୟଙ୍ଗ ଷ୍ଟାରସ ଚାରିଟେବୁଲ ଟ୍ରଷ୍ଟ ଓ ସହିଦ ଗଣେଶ ଉପାଧ୍ୟାୟ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ସହିଦ ଗଣେଶ ଉପାଧ୍ୟାୟଙ୍କର ୨୧୪ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲା ପରିଷଦର ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ବ୍ୟବସ୍ଥାପକ ତପିରାମ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡିଶା ସଶସ୍ତ୍ର ବାହିନୀର ଦୁର୍ଗପତି ଆଶିଷ ଦୁବେ, ପଶ୍ଚିମାଞ୍ଚଳ ବରିଷ୍ଠ ନାଗରିକ ସଂଘର ସଭାପତି ଟହଲୁ ସାହୁ, ବ୍ରାହ୍ମଣ ସମାଜର ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ବଳଭଦ୍ର ଦାଶ, ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ତାପସ କୁମାର ରାୟ ଚୌଧୁରୀ, ବରିଷ୍ଠ ଆଇନଜୀବୀ ସନ୍ଦିପ ଅବସ୍ଥି, ସହିଦ ଗଣେଶ ଉପାଧ୍ୟାୟଙ୍କ ଦାୟାଦ ମିନା କୁମାରୀ ଉପାଧ୍ୟାୟ ମଞ୍ଚାସୀନ ଥିଲେ । ୟଙ୍ଗ ଷ୍ଟାରସ ଚାରିଟେବୁଲ ଟ୍ରଷ୍ଟର ନିର୍ଦ୍ଦେଶକ ବିବେକାନନ୍ଦ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ ଥିଲେ । ସଭାପତି ଇଂ ଅରବିନ୍ଦ ବାରିକ ଏଥିରେ ସଭାପତିତ୍ୱ କରିଥିଲେ ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ 'ଗୁରୁ ଦିବସ'

ସମ୍ବଲପୁର : ବଡ଼ବଜାରର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ବବିତା ଦାସ ଙ୍କର ଅଧକ୍ଷତାରେ 'ଗୁରୁ ଦିବସ' ପାଳିତ ହୋଇଯାଇଛି । ଏହି ଉତ୍ସବରେ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ତୃପ୍ତି ମାଝୀ, ସୁଜ୍ଞାନୀ ମାହାଣା, ସନ୍ତୋଷିନୀ ସୁନା ଙ୍କୁ ଟୀକା ଲଗାଇ, ଅକ୍ଷତ ଦେଇ ମୁଣ୍ଡିଆ ମାରି ଶୁଭାଶୀର୍ବାଦ ଗ୍ରହଣ କରିଥିଲେ । ପରେପରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ସୁଶ୍ରୀ ତୃପ୍ତି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେତୁର ରୌପ୍ୟଜୟନ୍ତୀ ବକ୍ତୃତାମାଳା

ସମ୍ବଲପୁର : ଅଗ୍ରଣୀ 'ସେତୁ'ର ରୌପ୍ୟଜୟନ୍ତୀ ପାଳନ ଅବସରରେ ତଥା ଓଡ଼ିଶା ମାଧମିକ ଶିକ୍ଷକ ସଂଘ (ଓଷ୍ଟା) ସହଭାଗିତାରେ ଏକ ରାଜ୍ୟସ୍ତରୀୟ ସମ୍ମାନ ଆୟୋଜିତ ହୋଇଯାଇଛି । 'ଜାତୀୟ ଶିକ୍ଷାନୀତି -୨୦୨୦ ପରିପ୍ରେକ୍ଷୀରେ ଗୁଣାତ୍ମକ ଶିକ୍ଷା ଓ ବିଦ୍ୟାଳୟ ପରିଚାଳନା -ଏକ ଆହ୍ୱାନ' ବିଷୟବସ୍ତୁ ଉପରେ 'ସେତୁ' ସଭାପତି ଡକ୍ଟର ମୀନକେତନ ପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗରାଜୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଶିଷ୍ଟ ଅତିଥି ଭାବେ ମାଧମିକ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ଓଷ୍ଟାର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଏବଂ କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ ଉପସ୍ଥିତ ଥିଲେ । ଜାତୀୟ ଶିକ୍ଷା ଓ ଗବେଷଣା ପରିଷଦ (ଏନସିଇଆରଟି), ନୂଆଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । 'ସେତୁ' ସମ୍ପାଦକ ସୁକାନ୍ତ କୁମାର କର ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସେତୁ କାର୍ଯ୍ୟକାରୀ କମିଟି ସଭ୍ୟ ତଥା ଓଷ୍ଟା ସମ୍ବଲପୁର ଜିଲା ସମ୍ପାଦକ ହରି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମାନରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାରୁ ମାଧମିକ ବିଦ୍ୟାଳୟର ଶିକ୍ଷକ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଦୁଇଟି ଆଲୋଚନାପତ୍ର ଓଡ଼ିଶା ମାଧମିକ ଶିକ୍ଷକ ସଂଘ (ଓଷ୍ଟା)ର ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ବିଭାଗ ପ୍ରଫେସର ଡକ୍ଟର କାମଦେବ ସାହୁ ଉପସ୍ଥାପନ କରିଥିଲେ । ବୈଷୟିକ ଅଧିବେଶନରେ ବଲାଙ୍ଗୀର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡକ୍ଟର ଉମେଶ ପ୍ରସାଦ ଖାଡ଼ଙ୍ଗା ଅଧକ୍ଷତା କରିଥିବାବେଳେ କଳାହାଣ୍ଡି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଗରୁଡ଼ଧ୍ୱଜ ବାରିକ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଅଧାପିକା ସୁରୁଚି ସାହୁ ଆଲୋଚନାର ନିର୍ଯ୍ୟାସ ଉପସ୍ଥାପନ କରିଥିଲେ । ଅଧିବେଶନ ଶେଷରେ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।




## ଗୋଁଣ୍ଡ ସମାଜର ୨୭ ରୁ ଉର୍ଦ୍ଧ୍ୱ ସଂଗଠକଙ୍କୁ ମରଣୋତ୍ତର ସମ୍ମାନ

ଭୁବନେଶ୍ୱର : ଅଖିଳ ଭାରତୀୟ ଗୌଣ୍ଡୱନା ଗୌଣ୍ଡ ମହାସଭା ଓଡିଶା ପ୍ରଦେଶ ପକ୍ଷରୁ ସମ୍ମାନ ସମାରୋହ ସଭା ଅନୁଷ୍ଠିତ ହୋଇଯାଇଛି । ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଆଦିବାସୀ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି, ନବରଙ୍ଗପୁର ସାଂସଦ ତଥା ମହାସଭାର ମୁଖ୍ୟ ପୁରୋଧା ରମେଶ ଚନ୍ଦ୍ର ମାଝୀ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ରାଜୀବ ପାତ୍ର, ପୂର୍ବତନ ବିଧାୟକ ବେଦବ୍ୟାସ ନାୟକ ମହାସଭାର ରାଷ୍ଟ୍ରୀୟ ଉପାଧକ୍ଷ ଖାମସିଂହ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମାଜର ସଂଗଠକ, ସମାଜର ଅଭ୍ୟୁତ୍ଥାନ, ସାମଗ୍ରୀକ ଉନ୍ନତି, ସମାଜ ସେବା ଓ ସମାଜ ସଂସ୍କାର କାର୍ଯ୍ୟରେ ବ୍ରତୀଥିବା ଜନପ୍ରତିନିଧି ଭାବରେ କାର୍ଯ୍ୟ କରିଥିବା ଯୋଗଜନ୍ମା ଚିରନମସ୍ୟ ମହାମହିସୀ ଯାଦବ ମାଝୀ ନବରଙ୍ଗପୁର, ଘାସିରାମ ମାଝୀ ନୂଆପଡା, ଦୂର୍ଯ୍ୟୋଧନ ମାଝୀ ନୂଆପଡା, ବିନୋଦ ବିହାରୀ ସିଂହ ବରିହା ସମ୍ବଲପୁର, ମନୋହର ସିଂହ ନାଏକ ଝାରସୁଗୁଡା, ରାମେଶ୍ୱର ସିଂହ ନାଏକ ଝାରସୁଗୁଡା, ଲାଲ ରାଜେନ୍ଦ୍ର ସିଂହ ଝାରସୁଗୁଡା, ପାଣ୍ଡୁଚନ୍ଦ୍ର ନାଏକ ସମ୍ବଲପୁର, ହେମନ୍ତ କୁମାର ସିଂହ ଦଣ୍ଡପାଟ ସୁନ୍ଦରଗଡ, ନୀଳମଣି ସିଂହ ଦଣ୍ଡପାଟ ସୁନ୍ଦରଗଡ, ଭାଗିରଥି ମହାପାତ୍ର କେନ୍ଦୁଝର, ନୀଳାଦ୍ରି ନାୟକ କେନ୍ଦୁଝର, ଉପେନ୍ଦ୍ର ନାଥ ନାୟକ କେନ୍ଦୁଝର, ମହେଶ୍ୱର ନାୟକ ମୟୂରଭଞ୍ଜ, ଗଙ୍ଗାଧର ମାଢି ମାଲକାନଗିରି, ଓଁକାର ସିଂହ ମାଝୀ ନୂଆପଡା, ରବିସିଂହ ମାଝୀ ନବରଙ୍ଗପୁର, ନରହରି ଦଣ୍ଡପାଟ ସୁନ୍ଦରଗଡ, ନୃପଲାଲ ସିଂହ ଝାରସୁଗୁଡା, ମୋହନ ସିଂହ ଝାରସୁଗୁଡା, ଧର୍ମ ଗୌଣ୍ଡ ନବରଙ୍ଗପୁର, ଲୋକନାଥ ପାତ୍ର କନ୍ଧମାଳଙ୍କ ସହିତ ସମାଜସେବୀ ଇଂ ଡିଲେଶ୍ୱର ସିଂହ ବରିହା ସମ୍ବଲପୁର, ଯୋଗେଶ୍ୱର କୁମୁରା ବଲାଙ୍ଗୀର, ଘାସିରାମ ସୋନନୀ ନୂଆପଡାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ସମ୍ମାନ ତାଙ୍କର ଦାୟଦ ଉପସ୍ଥିତ ରହି ଗ୍ରହଣ କରିଥିଲେ । ଏହି ସଭାରେ ରାଜ୍ୟ ମହିଳା ସଭାନେତ୍ରୀ ସୁକାନ୍ତିବାଳା ନାୟକ, ଉପସଭାନେତ୍ରୀ ଦମୟନ୍ତୀ ମହାପାତ୍ର, ଯୁବ ସଭାପତି ସୌମ୍ୟ ରଞ୍ଜନ ନାୟକ, ଛାତ୍ର ସଭାପତି ସୁବ୍ରତ କୁଅଁର, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ରବି ନାରାୟଣ ମାଢ଼ି, ଚୁଡାମଣୀ ଧୁରୁଆ ଓ ମଧୁସୂଦନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ସମସ୍ତ ଜିଲ୍ଲାରୁ ବହୁ ସଂଖ୍ୟାରେ କର୍ମକର୍ତ୍ତା, ସଦସ୍ୟ ସଦସ୍ୟା ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ ।

## ବ୍ରହ୍ମାକୁମାରୀଜ୍‌ର ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ



ସମ୍ବଲପୁର : ପ୍ରଜାପିତା ବ୍ରହ୍ମାକୁମାରୀଜ୍ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଜାତୀୟ ଆଧ୍ୟାତ୍ମିକ ଶିବିରର ଶୁଭାରମ୍ଭ ହୋଇଯାଇଛି । ପ୍ରଥମ ଦିନରେ ସ୍ଥାନୀୟ ଶିବ ଦର୍ଶନ ଭବନ ଠାରେ 'ଆନନ୍ଦମୟ ଜୀବନ ପାଇଁ କଳା କୌଶଳ' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବ୍ରହ୍ମାକୁମାରୀଜ୍ ପଶ୍ଚିମ ଓଡ଼ିଶା ମୁଖ୍ୟ ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀ ଦିଦିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଯୁବ ପ୍ରଭାଗ, ଅହମ୍‌ବଦାବାଦର ସଭାପତି ବ୍ରହ୍ମାକୁମାରୀ ଚନ୍ଦ୍ରିକା ଦିଦି ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ, ଭିମ୍‌ସାର୍‌ର ଡିନ୍ ଓ ପ୍ରିନ୍ସିପାଲ ପ୍ରଫେସର୍ ଜୟଶ୍ରୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ରହ୍ମାକୁମାରୀ ଦୀପା ଭଉଣୀ ପ୍ରଜାପିତା ବ୍ରହ୍ମାକୁମାରୀଜ୍ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପରିଚୟ ପ୍ରଦାନ କରିଥିଲେ । ବ୍ରହ୍ମାକୁମାରୀ କୃତି ଦିଦିଜୀ, ଜାତୀୟ ସଂଯୋଜକ, ଯୁବ ପ୍ରଭାଗ, ଅହମ୍ମଦାବାଦ୍ ମଧ୍ୟ ଯୋଗ ଦେଇ ଜୀବନରେ ସୁଖ ଶାନ୍ତି ପାଇବାର ଜ୍ଞାନ ବାଣ୍ଟିଥିଲେ । ଏ ଅବସରରେ ସୌରଭ, କୁମାରୀ ଏହାନ ପ୍ରମୁଖ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଶେଷରେ କାର୍ଯ୍ୟକ୍ରମ ସଂଚାଳିକା ବ୍ରହ୍ମାକୁମାରୀ ଆରତୀ ଭଉଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟର ନୂଆ ଅଧକ୍ଷ

ସମ୍ବଲପୁର : ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ର ନୂଆ ଅଧକ୍ଷ ଭାବରେ ଡକ୍ଟର ପ୍ରଶାନ୍ତ କୁମାର ଷଡ଼ଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଅଧକ୍ଷ ଥିବା ମନୀଷ ଶ୍ରୀବାସ୍ତବ ଭୁବନେଶ୍ୱରକୁ ବଦଳି ହୋଇ ଯାଇଛନ୍ତି । ଶିକ୍ଷାକ୍ଷେତ୍ରରେ ଡକ୍ଟର ଷଡ଼ଙ୍ଗୀ ଜଣେ ଭଲ ପ୍ରଶାସକ ଭାବେ ଜଣାଶୁଣା । ପରିବେଶ ବିଜ୍ଞାନରେ ପିଏଚ୍‌ଡି କରିଥିବା ଷଡ଼ଙ୍ଗୀ ଛାତ୍ରାବାସରେ ଏନ୍‌ସିସିରେ 'ସି' ପ୍ରମାଣପତ୍ର ବି ହାସଲ କରିଛନ୍ତି । କୁଚିଣ୍ଡାରେ ଜନ୍ମିତ ଡକ୍ଟର ଷଡ଼ଙ୍ଗୀ ହେଉଛନ୍ତି ଶିକ୍ଷାବିତ ସ୍ୱର୍ଗତ ଲଳିତ ମୋହନ ଷଡ଼ଙ୍ଗୀଙ୍କ ବଡ଼ପୁଅ । ନବୋଦୟ ବିଦ୍ୟାଳୟରେ ବି କାର୍ଯ୍ୟ କରିବାର ତାଙ୍କର ଅଭିଜ୍ଞତା ରହିଛି ।

## ଭୋଟର ସଚେତନତା ରଥର ଶୁଭାରମ୍ଭ

ଝାରସୁଗୁଡ଼ା : ସଂଶୋଧିତ ନିୟମାବଳୀ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜିଲ୍ଲାରେ ଭୋଟର ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ସରୋଜ ସାମଲ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ସହକାରୀ ଜିଲ୍ଲାପାଳ ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ରାଜସ୍ୱ ସହାୟକ ହରିହର ମାଝୀ, ଯତୀନ୍ଦ୍ର ଭୋଇ, ସାହେବଲାଲ ପ୍ରଧାନ, ରାହୁଲ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ୬୭ତମ ଜୟନ୍ତୀ ପାଳିତ





ବଲାଙ୍ଗୀର: ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କର ୬୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ସ୍ୱାମିଜୀଙ୍କ ଭକ୍ତ ତଥା ଶୁଭେଚ୍ଛୁ ମାନେ ତାଙ୍କର ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରିଛନ୍ତି । ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି, କଟକର କିଷନ ନଗର, ଛତିଶଗଡ଼ର ଗଡ଼ଉମରିଆ ସମେତ ବିଭିନ୍ନ ସ୍ଥାନରେ ସ୍ୱାମୀଜୀଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହାଛଡ଼ା ବିଶ୍ୱାତ୍ମ ବିଦ୍ୟା ମନ୍ଦିରର ୨୭ ତମ ପ୍ରତିଷ୍ଠା ଦିବସ ମଧ ପାଳିତ ହୋଇଛି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କମଳାକାନ୍ତ ମିଶ୍ର ଏଥିରେ ମୁଖ୍ୟଅତିଥି ଓ ଭିସା ଷ୍ଟିଲର ନିର୍ଦ୍ଦେଶକ ମନୋଜ କୁମାର ଅଗ୍ରୱାଲ ଓ ଛତିଶଗଡ଼ର ରାୟପୁର ଠାରେ ଥିବା ଜଗନ୍ନାଥ ମନ୍ଦିରର ପରିଚାଳନା କମିଟି ଅଧକ୍ଷ ପୁରନ୍ଦର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମଧ ଏଥିରେ ଉଦବୋଧନ ଦେଇଥିଲେ । ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଉତ୍ସବର ସଂଯୋଜନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ । ସ୍ୱାମିଜୀଙ୍କ ଜୟନ୍ତୀ ଅବସରରେ ୮ ତାରିଖ ଦିନ ଆୟୋଜିତ ଏକ ରକ୍ତଦାନ ଶିବିରକୁ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଉଦ୍‌ଘାଟନ କରିଥିଲେ । ଶିବିରରେ ୬୭ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ଗଜେନ୍ଦ୍ର ତ୍ରିଭୁବନ ଦାଶ ଭମ୍ମର, ନବୀନ ବେଦ ବାକ୍, ବିଷ୍ଣୁପ୍ରସାଦ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଲପୁର ଠାରେ ମଧ ସତ୍ୟପ୍ରଜ୍ଞାନନ୍ଦଜୀଙ୍କର ଜୟନ୍ତୀ ପାଳିତ ହୋଇଥିଲା । ସ୍ଥାନୀୟ ଝାଡୁଆପଡା ସ୍ଥିତ ବିଶ୍ୱାତ୍ମ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହା ମୃତ୍ୟୁଞ୍ଜୟ ମନ୍ତ୍ରପାଠ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ବିଶ୍ୱାତ୍ମ ଚେତନା ପରିଷଦ ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ, ଅଚ୍ୟୁତାନନ୍ଦ ତ୍ରିପାଠୀ, ମଧୁସୁଦନ ମହାନ୍ତି, ସରୋଜ କୁମାର ମହାପାତ୍ର, ବିମଳ ପାଣ୍ଡିଆ, ଦେବଯାନୀ ମିଶ୍ର, ନଳିନୀ ବାବୁ, ସଞ୍ଜୀବା ପାଢ଼ୀ, ନନ୍ଦ କିଶୋର ମିଶ୍ର, ମିନତୀ ସୁପକାର, ମିନାକ୍ଷୀ ମିଶ୍ର, ଅନୁପମା ବାବୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପତି, ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ରୀନା ସ୍ୱାଇଁ, ସ୍ମୃତିରାଣୀ ପ୍ରଧାନ, ଜାଗୃତି ମିଶ୍ର, ନିବେଦିତା ସାହୁ, ଦୀପ୍ତି ପାଣି ଓ ମିଶିତା ବେରିହା ପ୍ରମୁଖ ଉପସ୍ଥିତ ଥିଲେ ।



# ମ୍ୟୁନିସିପାଲ ହାଇସ୍କୁଲ ପୁରାତନ ଛାତ୍ରସଂଘର ଗୁରୁ ଦିବସ



ସମ୍ବଲପୁର : ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲର ପୁରାତନ ଛାତ୍ରସଂଘ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବକୁ ମ୍ୟୁନିସିପାଲ ହାଇସ୍କୁଲର ପୁରାତନ ଶିକ୍ଷକମାନଙ୍କୁ ଆମନ୍ତ୍ରଣ କରାଯାଇ ପାଦ ଧୋଇ ସମ୍ବର୍ଦ୍ଧନା କରାଯିବା ସହ ଗୁରୁ ପୂଜନ କରା ଯାଇଥିଲା । ପୁରାତନ ଦିବଂଗତ ଶିକ୍ଷକମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ବେଦପାଠ କରାଯାଇ ସ୍ମୃତିଚାରଣ କରାଯାଇଥିଲା । ସଂଘର ସଭାପତି ଡାକ୍ତର ଲକ୍ଷ୍ମୀନାରାୟଣ ରଥଙ୍କ ଅଧକ୍ଷତା ତଥା ଡକ୍ଟର ଶ୍ୟାମ ସୁନ୍ଦର ଧରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଡକ୍ଟର ଦେବେନ୍ଦ୍ର ପଣ୍ଡା, ଆନନ୍ଦ ଜେନା, ମାହେଶ୍ୱରୀ ପାଣିଗ୍ରାହୀ, ରାଧାମୋହନ ପଣ୍ଡା, ଗୋପୀନାଥ ଷଡ଼ଙ୍ଗୀ, ଇଦ୍ରିଶ ମଲ୍ଲିକ, ଦିଲ୍ଲୀପ ଗୌଡ଼ ପ୍ରମୁଖ ସ୍କୁଲ ଜୀବନର ସ୍ମୃତି ଚାରଣ କରିଥିଲେ । ସଂଘର ଉପସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ, ସଂପାଦକ ଦୁର୍ଯ୍ୟୋଧନ ପଟେଲ, କୋଷାଧକ୍ଷ ସୁରେନ୍ଦ୍ର ନାୟକ, ସହ ସମ୍ପାଦକ ନାରାୟଣ ନାୟକ, କାର୍ଯ୍ୟକାରୀ ସଦସ୍ୟ ଛେଦିଲାଲ ଅଗ୍ରୱାଲ, ଅଶୋକ କୁମାର ନାୟକ, ଜଗବନ୍ଧୁ ସାହୁ, ଅଶୋକ କୁମାର ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ମାତା ମଠରେ ଅନନ୍ତମୁଖୀ କାର୍ଯ୍ୟକ୍ରମ



ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡ଼ା ସ୍ଥିତ ମାତା ମଠରେ ଅନନ୍ତମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଠର ତତ୍ତ୍ୱାବଧାରିକା ସୁଶ୍ରୀ ପ୍ରମିଳା ବହିଦାରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣ ଓ ଭକ୍ତମାନେ ସାମୂହିକ ଭାଗବତ ପାଠ କରିଥିଲେ । ଶେଷରେ ସମସ୍ତଙ୍କୁ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା ।

# ବିନୟ ରଞ୍ଜନ ପ୍ରଧାନ ସମ୍ମାନିତ



ସୋନପୁର : ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ବିନୟ ରଞ୍ଜନ ପ୍ରଧାନଙ୍କୁ ବିଗୁଲ ଟିଭି ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି । ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଅବସରରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ ଶ୍ରୀ ପ୍ରଧାନଙ୍କୁ ଏହି ସମ୍ମାନ ଦିଆଯାଇଛି ।

# ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ବୃଦ୍ଧାଶ୍ରମ ପରିଦର୍ଶନ

ସମ୍ବଲପୁର : ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମକୁ ଆସି ଅଜାଆଈ ଦିବସ ପାଳନ କରିଥିଲେ । ଛାତ୍ରଛାତ୍ରୀମାନେ ଅନ୍ତେବାସୀମାନଙ୍କୁ ମୁଣ୍ଡିଆମାରି ସମ୍ମାନ ଜଣାଇବା ପରେ ସେମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହାଛଡ଼ା ସେମାନେ ଆଣିଥିବା ଖାଦ୍ୟ ଓ ଉପହାର ମଧ ଅନ୍ତେବାସୀମାନଙ୍କୁ ଦେଇଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ସ୍କୁଲର ଶିକ୍ଷକ ଆଶିଷ କୁମାର ମହାପାତ୍ର, ଶିକ୍ଷୟିତ୍ରୀ ପୁନମ ଓ ସାଗୁଫାଙ୍କ ସମେତ ସମ୍ବଲପୁର ସିଲ୍କ ଲାୟନ୍ସ କ୍ଲବର ଅଧକ୍ଷା ଶୀତଳ ଖାନ୍ନା ମଧ ଏଥିରେ ଉପସ୍ଥିତ ଥିଲେ ।









## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ଦେବେନ୍ଦ୍ର ନାରାୟଣ ପତି**

ବରିଷ୍ଠ ସାମ୍ବାଦିକ, ରାଉରକେଲା

ଆବିର୍ଭାବ: ୧୯୩୭

ତିରୋଧାନ: ୧୫.୦୯.୨୦୨୧

ଶୋକସନ୍ତପ୍ତ ପତି ପରିବାର ବର୍ଗ ।

# 'ଗୀତରେ ଗୀତରେ ଗୀତା' ଓ 'ସଂକ୍ଷିପ୍ତ ରାମାୟଣ' ଲୋକାର୍ପିତ



ସମ୍ବଲପୁର : ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ରାଜ୍ୟପାଳ ପୁରସ୍କାର ପାଇଥିବା ଅବସରପ୍ରାପ୍ତ ଶିକ୍ଷକ ତଥା କବି ଧରଣୀଧର ପ୍ରଧାନଙ୍କ ଦ୍ୱାରା ରଚିତ ଭକ୍ତି ରସାମୃତ ଦୁଇଟି ପୁସ୍ତକ 'ଗୀତରେ ଗୀତରେ ଗୀତା' ଓ 'ସଂକ୍ଷିପ୍ତ ରାମାୟଣ' ଲୋକାର୍ପିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ତଥା ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରକାଶିତ ପୁସ୍ତକ ସବୁ ଶ୍ରେଣୀର ସବୁ ବର୍ଗର ଲୋକଙ୍କୁ ନିଶ୍ଚିତ ରୂପେ ପ୍ରଭାବିତ କରିବା ସହ ଯୁବ ପୀଢିଙ୍କୁ ଅନେକ ତଥ୍ୟ ତଥା ସୂଚନା ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ । ବରଗଡ଼ ମହିଳା କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ସୁଦର୍ଶନ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାମାୟଣ ଓ ଗୀତାର ଉପାଦେୟତା ଉପରେ ଆଲୋକପାତ କରିବା ସହ ଲୋକାର୍ପିତ ପୁସ୍ତକ କିଭଳି ଭାବରେ ଯୁବ ସମାଜ ପାଇଁ ମାର୍ଗଦର୍ଶକ ହେବ ସେ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଫେସର ଗିରିଜା ଶଙ୍କର ଶର୍ମା, ଡକ୍ଟର ଦ୍ୱାରିକା ନାଥ ନାୟକ, ଡକ୍ଟର ନିରୂପମା ବଡ଼ପଣ୍ଡା, ଡକ୍ଟର ପ୍ରମୋଦ କୁମାର ବେହେରା ଓ ଡାକ୍ତର ଉଦୟ ଚରଣ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କବିଙ୍କ ରଚନାରେ ଥିବା ସରଳ ସାବଲୀଳ ତଥା ବୋଧ ଗମ୍ୟ ଶବ୍ଦ ଅଳଙ୍କାର ପ୍ରୟୋଗ ସମ୍ପର୍କରେ ମତବ୍ୟକ୍ତ କରିବା ସହ ହଜି ଯାଉଥିବା ଛନ୍ଦ ମାଧମରେ ଗୀତ ରଚନା ପ୍ରଚଳିତ ଧାରାଠାରୁ ଖୁବ ଉର୍ଦ୍ଧ୍ୱରେ ବୋଲି ମତପୋଷଣ କରିଥିଲେ । ପୁସ୍ତକ ଦ୍ୱୟର ରଚୟିତା ଦରଦୀ କବି ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ ତାଙ୍କ ସାରସ୍ୱତ ସାଧନା ସମ୍ପର୍କରେ ଉଲ୍ଲେଖ କରିଥିଲେ । 'ଗୀତରେ ଗୀତରେ ଗୀତା' ପୁସ୍ତକକୁ ପ୍ରଫେସର ମୁରଲୀ ପ୍ରେମନାଥ ନାୟକ ଓ ଡକ୍ଟର ଗୌରୀଦାସ ପ୍ରଧାନ 'ସଂକ୍ଷିପ୍ତ ରାମାୟଣ' ପୁସ୍ତକର ସମୀକ୍ଷା କରିଥିଲେ । ଡକ୍ଟର ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ସତ୍ୟ ନାରାୟଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ସ୍କୁଲର ପୂର୍ବତନ ଶିକ୍ଷକ ବିହାରିଲାଲ ମହାନ୍ତି ଶ୍ରୀ ପ୍ରଧାନଙ୍କର ସାହିତ୍ୟ ସୃଷ୍ଟି ପାଇଁ ସମ୍ମାନପତ୍ର ଓ ଉପଢୌକନ ଦେଇ ତାଙ୍କୁ ସମ୍ମାନିତ କରିଥିଲେ । ଛନ୍ଦାମୟୀ, ମନୀଷା, ବିଶ୍ୱନାଥ, ଶୁଭେନ୍ଦ୍ର, ଭବତୋଷ, ପପୁନ, ପ୍ରକାଶ, ଆଜାଦ ଶେଖର ପ୍ରଧାନ, ଅବିନାଶ, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra